ବର୍ଷ-୨୫, ସଂଖ୍ୟା-୮୭
ଭୁବନେଶ୍ୱର
୩୦, ମାର୍ଚ୍ଚ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 87
Bhubaneswar
30 March, 2025, Sunday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଭୂକମ୍ପ ମିଆଁମାର ଓ ଥାଇଲାଣ୍ଡ ଛାରଖାର





**ନାପିଦା, ୨୯।୩(ଏଜେନ୍ସି):** ମିଆଁମାର ଓ ଥାଇଲ୍ୟାଣ୍ଡରେ ଶୁକ୍ରବାର ହୋଇଥିବା ଶକ୍ତିଶାଳୀ ଭୂକମ୍ପ ସବୁ କିଛି ଛାରଖାର କରି ଦେଇଛି। ୭.୭ ଓ ୬.୪ ତୀବ୍ରତାର ୨ଟି ଭୂକମ୍ପ ପ୍ରଭାବରେ ମିଆଁମାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଅନେକ ବଡ଼ବଡ଼ ଅଟ୍ଟାଳିକା ମାଟିରେ ମିଶି ଯାଇଥିବା ବେଳେ ରାସ୍ତାଘାଟ ଠାରୁ ଆରମ୍ଭ କରି ବ୍ରିଜ ଭୁଶୁଡ଼ି ପଡ଼ିଛି। ଉଦ୍ଧାରକାରୀ ଦଳ ଧ୍ୱଂସାବଶେଷ ତଳୁ ଇତି ମଧ୍ୟରେ ୧୦୦୦ରୁ ଅଧିକ ଲୋକଙ୍କ ମୃତଦେହକୁ ଉଦ୍ଧାର କରି ସାରିଲେଣି। ହଜାର ହଜାର ଲୋକ ନିଖୋଜ ଥିବା ବେଳେ ମୃତ୍ୟୁସଂଖ୍ୟା କେବଳ ମିଆଁମାରରେ ୧୦ ହଜାର ଟପିବ ବୋଲି ଆମେରିକା ପକ୍ଷରୁ ଆଶଙ୍କା କରାଯାଇଛି।

ଭୂକମ୍ପ କ୍ଷୟକ୍ଷତି ପରେ ମିଆଁମାରରେ ଉଦ୍ଧାରକାରୀ ଦଳ ରାତି ତମାମ ଧ୍ୱଂସାବଶେଷ ତଳୁ ନିରବଚ୍ଛିନ୍ନ ଭାବେ ଜୀବନ ଖୋଜିବାରେ ଲାଗିଛନ୍ତି। ବିଶେଷ କରି ମାଣ୍ଡଲେରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଇଛି। ଏହା ମିଆଁମାରର ଦ୍ୱିତୀୟ ବଡ଼ ସହର ଓ ଭୂକମ୍ପର କେନ୍ଦ୍ରସ୍ଥଳ। ମିଆଁମାରରେ ବର୍ତ୍ତମାନ ସୁଦ୍ଧା ୧୦୦୨ ଜଣଙ୍କ ମୃତଦେହ ଧ୍ୱଂସାବଶେଷ ତଳକୁ ମିଳିଥିବା ଦେଶର ସେନା ପକ୍ଷରୁ କୁହାଯାଇଛି। କିନ୍ତୁ ଆମେରିକା ଏଜେନ୍ସି କହିଛି ଯେ ଯେତିକି କ୍ଷୟକ୍ଷତି ହୋଇଛି, ତା'କୁ ଦେଖିଲେ ମୃତ୍ୟୁସଂଖ୍ୟା ୧୦ ହଜାର ଟପିବାର ଯଥେଷ୍ଟ ଆଶଙ୍କା ରହିଛି। ଆମେରିକାର ଜିଓଲୋଜିକାଲ ସର୍ଭେ (ୟୁଏସଜିଏସ୍) କହିଛି ଯେ ଭୂକମ୍ପ କ୍ଷୟକ୍ଷତି ଓ ମୃତାହତ ପରିକଳ୍ପନା ବାହାରେ। ମିଆଁମାରରେ ଭୂକମ୍ପ

## ■ ୧୦ହଜାର ଟପିବ ମୃତ୍ୟୁ ସଂଖ୍ୟା ■ ଭାରତର ଅପରେସନ 'ବ୍ରହ୍ମା' ଆରମ୍ଭ

ଯେଉଁଭଳି କ୍ଷତି ଘଟାଇଛି, ତା'କୁ ଦେଖିଲେ ଲାଗୁଛି ଯେ ମୃତ୍ୟୁସଂଖ୍ୟା ୧୦ ହଜାର ଟପିଯିବ।

ମିଆଁମାରର ମିଲିଟାରୀ ଜୁଣ୍ଟା କହିଛି ଯେ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା ୧୦୦୨ରେ ପହଞ୍ଚିଥିବା ବେଳେ ୨୩୭୬ ଜଣ ଆହତ ହୋଇଛନ୍ତି। ଶୁକ୍ରବାରର ଭୂକମ୍ପ ସମ୍ପର୍କରେ ପୀଡ଼ିତମାନେ ଲୋମଟାଙ୍କୁରା ଅନୁଭୂତି ବଖାଣିଛନ୍ତି। ମିଆଁମାରର ଜଣେ ପୀଡ଼ିତ କହିଛନ୍ତି ଯେ ସେ ୱାଶରୁମରେ ଥିବା ବେଳେ ଭୂକମ୍ପ ଝଟକା ଅନୁଭବ କରିଥିଲେ। ସେ ଥିବା ବିଲଡିଂ ଭୁଶୁଡ଼ି ପଡ଼ିଥିଲା। ଅଳ୍ପକେ ସେ ବର୍ତ୍ତି ଯାଇଥିଲେ। ଅନ୍ୟମାନଙ୍କ ସହ ସେ ଆଉ ଗୋଟିଏ ସ୍ଥାନକୁ ଆଶ୍ରୟ ପାଇଁ ଦୌଡ଼ିଥିଲେ। କିନ୍ତୁ ଉକ୍ତ ବିଲଡିଂ ମଧ୍ୟ ଦ୍ୱିତୀୟ ଭୂକମ୍ପ ଝଟକାରେ ଭୁଶୁଡ଼ି ପଡ଼ିଥିଲା। ତାଙ୍କ ପରିବାରର ୩ ଜଣ ଏବେ ବି ନିଖୋଜ ରହିଛନ୍ତି। କ୍ଷୟକ୍ଷତିକୁ ଦେଖିଲେ ସେମାନେ ବଞ୍ଚିଥିବା ଆଶଙ୍କା ଶୂନ ବୋଲି ବ୍ୟକ୍ତି ଜଣଙ୍କ କହିଛନ୍ତି।

ଭୂକମ୍ପ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଆଁମାର ଓ ଥାଇଲ୍ୟାଣ୍ଡ ପାଇଁ ଚିନ୍ତା ପ୍ରକଟ କରିଥିଲେ। ଏଥିସହ ଭାରତ ପକ୍ଷରୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବେ ବୋଲି କହିଥିଲେ। ଏହି ଘୋଷଣା ଅନୁଯାୟୀ ଭାରତ ପକ୍ଷରୁ ୧୫ ଟନ ରିଲିଫ ସାମଗ୍ରୀ ମିଆଁମାରକୁ ପଠାଯାଇଛି। ଭାରତୀୟ ବାୟୁସେନାର ସି ୧୩୦ ଜେ ଏୟାରକ୍ରାଫ୍ଟ ସୋଲାର ଲ୍ୟାମ୍ପ, ଖାଦ୍ୟ ପୁଡ଼ିଆ ଓ କିଚେନ ସେଟ୍ସ ଧରି ମିଆଁମାରରେ ପହଞ୍ଚିଛି। ଭାରତ ପକ୍ଷରୁ ମିଆଁମାରକୁ ସହାୟତା ପାଇଁ ଅପରେସନ ବ୍ରହ୍ମା ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ବୈଦେଶିକ ବ୍ୟାପର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀତ ଜୈସୱାଲ କହିଛନ୍ତି, ଭାରତ ପ୍ରଥମ ଦେଶ ଭାବେ ମିଆଁମାରକୁ ସହାୟତାର ହାତ ବଢ଼ାଇଛି।

ଦୀର୍ଘ ୪ ବର୍ଷର ଗୃହଯୁଦ୍ଧ, ଉତ୍କଟ ଖାଦ୍ୟ ସଙ୍କଟ ଓ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଥିବା ମିଆଁମାରର ଦୁଃଖ ଏବେ ଭୂକମ୍ପ ପରେ ଦୁଇ ଗୁଣିତ ହୋଇଯାଇଛି। ଭୂକମ୍ପ ଯୋଗୁ ବିଜୁଳି ଓ ପାଣି ସଙ୍କଟ ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ଏବ ବିରଳ ଘଟଣାକ୍ରମରେ ମିଆଁମାର ସାମରିକ ମୁଖ୍ୟ ମିନ୍ ଅଙ୍ଗ ହାଇଙ୍ଗ ପୂରା ବିଶ୍ୱକୁ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ସବୁବେଳେ ବନ୍ଧୁକ ମୁନରେ ଶାସନ କରୁଥିବା ହାଇଙ୍ଗଙ୍କ ଦମ୍ଭକୁ ଭୂକମ୍ପ ଭାଙ୍ଗି ଦେଇଛି। ଭୂକମ୍ପର ମାତ୍ର କିଛି ମିନିଟ ମଧ୍ୟରେ ମିଆଁମାରର ରାଜଧାନୀ ନାପିଦାରେ ଥିବା ୧୦୦୦ ବେଡ୍ ବିଶିଷ୍ଟ ହସ୍ପିଟାଲର ଜରୁରିକାଳୀନ ବିଭାଗରେ ଶତାଧିକ ଆହତ ପହଞ୍ଚିଥିଲେ। କିନ୍ତୁ ହସ୍ପିଟାଲ୍ ମଧ୍ୟ ଭୂକମ୍ପ ଝଟକାରେ କ୍ଷୟକ୍ଷତି ହୋଇଛି। ସାମରିକ ମୁଖ୍ୟ ମିନ୍ ଅଙ୍ଗ ହାଇଙ୍ଗ ହସ୍ପିଟାଲ୍ ଗସ୍ତ କରି ଆହତମାନଙ୍କୁ ଭେଟିଛନ୍ତି। ନାପିଦାର ସବୁଠାରୁ ବଡ଼ ହସ୍ପିଟାଲ୍ ଅଭିମୁଖେ ଯାଇଥିବା ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ୍ ଯୋଗୁଁ ସମସ୍ୟା ଦେଖିବାକୁ ମିଳିଛି। ଏହି ସମୟରେ ସାମରିକ ମୁଖ୍ୟ ମିନ୍ ଅଙ୍ଗ ହାଇଙ୍ଗ କହିଛନ୍ତି, ମୁଁ ଯେକୌଣସି ଦେଶ, ଯେକୌଣସି ସଂଗଠନ ଓ ମିଆଁମାରରେ ଥିବା ଯେକୌଣସି ବ୍ୟକ୍ତିଙ୍କୁ ଆଗକୁ ଆସି ସହାୟତା କରିବାକୁ ଅନୁରୋଧ କରୁଛୁ। ବିଦେଶୀ ସହାୟତା ପାଇଁ ସମସ୍ତ ପ୍ରକାରର ଦ୍ୱାର ଖୋଲା ରହିଛି। ୧୯୬୪ରେ ମଧ୍ୟ ମିଆଁମାରରେ ୭.୭ ତୀବ୍ରତାର ଭୂକମ୍ପ ହୋଇଥିଲା।

# ଅବସର ନେଲେ ସୁଜାତା କାର୍ତ୍ତିକେୟନ



**ଭୁବନେଶ୍ୱର, ୨୯।୩ (ମହାଭାରତ):** ଭି.କେ ପାଣ୍ଡିଆନଙ୍କ ପତ୍ନୀ ତଥା ଆଇଏଏସ୍ ସୁଜାତା କାର୍ତ୍ତିକେୟନ ଭିଆରଏସ୍ ନେଇଥିବା ସୂଚନା ମିଳିଛି। ସୁଜାତା ପୂର୍ବରୁ ସ୍ୱେଚ୍ଛାକୃତ ଅବସର ଲାଗି ଆବେଦନ କରିଥିଲେ। ତାଙ୍କ ଆବେଦନକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଥିବା ସୂଚନା ମିଳିଛି। ପୂର୍ବରୁ ଆଇଏଏସ୍ ସୁଜାତା କାର୍ତ୍ତିକେୟନ ଛୁଟି ପାଇଁ ଆବେଦନ କରିଥିଲେ, କିନ୍ତୁ ଛୁଟି ନମିଳିବାରୁ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ। ତେବେ ସ୍ୱେଚ୍ଛାକୃତ ଅବସର ପରେ ସେ କଣ କରିବେ ସେନେଇ କିଛି ସ୍ପଷ୍ଟ ଜଣାପଡିନାହିଁ। ସୁଜାତା ବିଜେଡି ସରକାରରେ ଖୁବ ପ୍ରଭାବଶାଳୀ ଥିଲେ। ମାତ୍ର ବିଜେପି ସରକାରକୁ ଆସିବା ପରେ ସେ ଆଉ ଖାପଖୁଆଇ ଚଳିପାରୁନଥିବା କୁହାଯାଉଛି। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିଲେ ବୋଲି ଚର୍ଚ୍ଚା ହେଉଛି। ୨୦୦୦ ବ୍ୟାଚର ଆଇଏଏସ ଅଫିସର ସୁଜାତାଙ୍କ ପ୍ରାରମ୍ଭିକ ଜୀବନ ଝାଡ଼ଖଣ୍ଡର ଜାମସେଦପୁରରେ କଟିଥିଲା, ଯେଉଁଠାରେ ତାଙ୍କ ବାପା ଜଣେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲେ। ୨୦୦୦ ମସିହାରେ ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବା ସମୟରେ ସୁଜାତାଙ୍କ ଆଇଏଏସ୍ କ୍ୟାରିୟର ଆରମ୍ଭ ହୋଇଥିଲା। ସେ ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗର କମିଶନର-ସହ-ସଚିବ ଭାବେ କାର୍ଯ୍ୟ କରିଥିଲେ, ଯାହା ମହିଳା ସଶକ୍ତିକରଣ ପାଇଁ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୦୧ରେ ଆରମ୍ଭ ହୋଇଥିଲା। ୨୦୨୪ ନିର୍ବାଚନରେ ବିଜେଡି କ୍ଷମତା ହରାଇବା ପରେ ସୁଜାତା ଛଅ ମାସର ଛୁଟିରେ ଥିଲେ। ନଭେମ୍ବର ୨୬, ୨୦୨୪ ପର୍ଯ୍ୟନ୍ତ ତାଙ୍କୁ ଛୁଟି ମଞ୍ଜୁର କରାଯାଇଥିଲା, କିନ୍ତୁ ତାଙ୍କ ଆବେଦନ ଅନୁସାରେ ଆଉ ଛଅ ମାସର ଛୁଟି ବୃଦ୍ଧି ପାଇଁ ଓଡ଼ିଶାର ବିଜେପି ସରକାର ଅନୁମତି ଦେଇ ନଥିଲେ।

# ଯବାନଙ୍କ ଗୁଳିରେ ୧୭ ମାଓବାଦୀ ସଫା

**ମାଲକାନଗିରି, ୨୯।୩ (ମହାଭାରତ):** ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲ ମୁକ୍ତ କରିବା ଲକ୍ଷ୍ୟରେ ଆଗେଇ ଚାଲିଛନ୍ତି ସୁରକ୍ଷାକର୍ମୀ। ଏହି ନକ୍ସଲ ମୁକ୍ତ ଅଭିଯାନକୁ ଗୋଟିଏ ପରେ ଗୋଟିଏ ସଫଳତା ମଧ୍ୟ ମିଳିବାରେ ଲାଗିଛି। ଏହିକ୍ରମରେ ଆଜି ସୁରକ୍ଷାକର୍ମୀଙ୍କ ଗୁଳିରେ ଆଉ ୧୭ ଜଣ ନକ୍ସଲ ନିହତ ହୋଇଛନ୍ତି। ଛତିଶଗଡ଼ର ସୁକମା ଜିଲ୍ଲାରେ ଚାଲିଥିବା ଏନକାଉଣ୍ଟରରେ ସୁରକ୍ଷାକର୍ମୀଙ୍କୁ ଏପରି ସଫଳତା ମିଳିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

ସୁକମାର କେରଲାପାଲ ଅଞ୍ଚଳରେ ନକ୍ସଲଙ୍କ କ୍ୟାମ୍ପ ବିସିଥିବା ସୂଚନା ମିଳିଥିଲା। ସୂଚନା ମିଳିବା କ୍ଷଣି ଶୁକ୍ରବାର ରାତିରୁ ହିଁ ନକ୍ସଲ ଦମନ ଅଭିଯାନ ଆରମ୍ଭ ହୋଇଥିଲା। ଏହି ଅପରେସନରେ ଜିଲ୍ଲା ରିଜର୍ଭ ଗାର୍ଡ ବା ଡିଆରଜି ଓ ସିଆରପିଏଫ ଯବାନମାନେ ସାମିଲ ହୋଇଥିଲା। ମିଳିତ ଅପରେସନରେ ସାମିଲ ଥିବା ସୁରକ୍ଷାକର୍ମୀମାନେ ଆଗକୁ ବଢୁଥିବା ବେଳେ ନକ୍ସଲଙ୍କ ସହ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷ ମଧ୍ୟରେ ଆରମ୍ଭ ହୋଇଥିଲା ଘମାଘୋଟ ଲଢ଼େଇ। ଶେଷରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୭ ଜଣ ନକ୍ସଲ ନିହତ ହୋଇଛନ୍ତି।



ଏନକାଉଣ୍ଟର ସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଏହା ମଧ୍ୟରେ ୨ଟି ଏକେ ୪୭ ଓ ଅନେକ ଦେଶୀ ବନ୍ଧୁକ ରହିଛି। ସେହିପରି ଗୁଳିଗୋଳା ମଧ୍ୟ ମିଳିଛି। ଏନକାଉଣ୍ଟର ବେଳେ ୨ ଜଣ ଯବାନ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ସୁକମା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ଏନକାଉଣ୍ଟର ସ୍ଥଳରୁ ସୁରକ୍ଷାକର୍ମୀମାନେ ନକ୍ସଲମାନଙ୍କ ମୃତଦେହକୁ କ୍ୟାମ୍ପକୁ ଆଣିଛନ୍ତି। ଏବେ ସେମାନଙ୍କ ପରିଚୟ ଖୋଜା ଚାଲିଛି।

ଏହାପୂର୍ବରୁ ମାର୍ଚ୍ଚ ୨୦ରେ ଛତିଶଗଡ଼ର ବିଜାପୁର ଓ କାଙ୍କେରରେ ହୋଇଥିବା ୨ଟି ଏନକାଉଣ୍ଟରରେ ୩୦ ଜଣ ମାଓବାଦୀଙ୍କ ମୁଣ୍ଡ ଗଡ଼ିଥିଲା। ବିଜାପୁର ଏନକାଉଣ୍ଟର ସ୍ଥଳରୁ ୨୬ ଜଣ ଓ କାଙ୍କେରରୁ ୪ ଜଣ ମାଓବାଦୀଙ୍କ ମୃତଦେହକୁ ଜବତ କରାଯାଇଥିଲା।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଶନିବାର ଦିନ ଛତିଶଗଡ ନକ୍ସଲ ପ୍ରଭାବିତ ସୁକୁମା ଜିଲ୍ଲାରେ ସୁରକ୍ଷାବାହିନୀଙ୍କୁ ମିଳିଥିବା ସଫଳତାକୁ ନେଇ ଖୁସି ବ୍ୟକ୍ତ କରିଛନ୍ତି ଏବଂ ନକ୍ସଲମାନଙ୍କୁ ହିଂସା ପଥ ଛାଡିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ଅସ୍ତ୍ରଶସ୍ତ୍ରଏବଂ ହିଂସା ଦ୍ୱାରା ପରିବର୍ତ୍ତନ ଆଣିପାରିବନାହିଁ, କେବଳ ଶାନ୍ତି ଏବଂ ବିକାଶ ହିଁ ପରିବର୍ତ୍ତନ ଆଣିପାରିବ। ଗୃହମନ୍ତ୍ରୀ ଏକ୍ସପୋଷ୍ଟରେ କହିଛନ୍ତି ଯେ ନକ୍ସଲବାଦ ଉପରେ ଆଉ ଏକ ଆକ୍ରମଣ।ଆମର ସୁରକ୍ଷା ଏଜେନ୍ସୀ ସୁକମାରେ ଏକ ଅପରେସନରେ ୧୬ଜଣ ନକ୍ସଲଙ୍କୁ ହତ୍ୟା କରିଛନ୍ତି ଏବଂ ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ରର ଏକ ବଡ଼ କ୍ୟାଚ ଉଦ୍ଧାର କରିଛନ୍ତି।

# ବିଧାନସଭାରେ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ



**ଭୁବନେଶ୍ୱର, ୨୯।୩ (ମହାଭାରତ):** ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ସଫଳ କରିବା ପାଇଁ ରାଜ୍ୟ ସରକାର ଜୀବନ ଜୀବିକା, ଭିତ୍ତିଭୂମୀର ବିକାଶ, ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ଏହି ଚାରି ସ୍ତମ୍ଭକୁ ନେଇ ରାଜ୍ୟ ସରକାର ସଫଳତାର ସହିତ ଆଗକୁ ବଢୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ କହିଛନ୍ତି। ୨୦୨୫-୨୬ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଗୃହରେ ଆଗତ କରିଥିବା ପୂର୍ଣ୍ଣାଙ୍ଗ ବଜେଟ ଉପରେ ହୋଇଥିବା ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ 'ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ'। କର୍ମ ହେଉଛି ଆମ ପାଇଁ ଏକମାତ୍ର ମାନଦଣ୍ଡ। ଆମେ କେତେଦିନ ହେଲା ସରକାରକୁ ଆସିଛୁ, କେତେଦିନ ରହିବୁ ତାହା ମହତ୍ୱ ରଖେ ନାହିଁ। ଆମ ପାଇଁ ମହତ୍ୱ ରଖେ ଯେତେ ସମୟ ଆମକୁ ମିଳୁଛି ତାହାର ସଦୁପଯୋଗ କରି ଓଡ଼ିଶାବାସୀଙ୍କ ସେବା କରିବା। ଯାହାକୁ ମୁଁ ଏବଂ ମୋ ସରକାର ପୂର୍ଣ୍ଣପ୍ରାଣରେ ପାଳନ କରୁଛୁ।

ଗତ କିଛିଦିନ ତଳେ ସେ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀଙ୍କ ଏକ ସାକ୍ଷାତକାର ଦେଖିଥିଲେ। ତାଙ୍କ ରାଜ୍ୟର ଆର୍ଥିକ ସ୍ଥିତି ଏତେ ଖରାପ ଯେ ସେ ମାସକୁ ୫ଶହ କୋଟି ଟଙ୍କାର ପୁଞ୍ଜି ଖର୍ଚ୍ଚ କରିବା ପାଇଁ ସମର୍ଥ ନୁହଁନ୍ତି। କିନ୍ତୁ ଓଡ଼ିଶା ସରକାର ପ୍ରତି ମାସରେ ୫ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜି ଖର୍ଚ୍ଚ କରିବା ପାଇଁ ସମର୍ଥ ହୋଇଛି ଏବଂ ଏଥିପାଇଁ ପ୍ରାବଧାନ ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଲେ ଚାଷ ନାହିଁ ତ ଚାଷୀ ନାହିଁ, ଚାଷୀ ନାହିଁ ତ ମାନବ ସମାଜର ସତ୍ତା ନାହିଁ। ତେଣୁ ଆମ ସରକାର ଚାଷକୁ ଏକ ବୃତ୍ତି କିମ୍ବା ଚାଷୀକୁ ବୃତ୍ତିକାର ଗଣୁନାହାଁନ୍ତି। ଆମ ପାଇଁ କୃଷକ ସମାଜ ହେଉଛନ୍ତି ଅନ୍ନଦାତା। ରାଜ୍ୟରେ କୃଷିରେ ପ୍ରାୟ ୬୦ ପ୍ରତିଶତ ଲୋକ ନିର୍ଭର କରନ୍ତି। ତେଣୁ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସରକାର ଯତ୍ନବାନ ହୋଇ ୨୦୨୫-୨୬ ବଜେଟରେ ୩୭,୮୩୮ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ଏବଂ ଚାଷୀମାନଙ୍କ ଠାରୁ ଧାନ କ୍ୱିଣ୍ଟାଲ କିଛା ୩୧ଶହ ଟଙ୍କା ଦିଆଯାଉଛି।

# ଏପ୍ରିଲ ୧୨ରେ ଆସିବେ ନଡ୍ଡା

**ଭୁବନେଶ୍ୱର, ୨୯।୩ (ମହାଭାରତ):** ଆସନ୍ତା ୧୨ ତାରିଖରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ଓଡିଶା ଗସ୍ତ ଅବସରରେ ନଡ୍ଡା ବିଜେପିର ସାଂଗଠନିକ କାର୍ଯ୍ୟରେ ଯୋଗ ଦେବେ। ନଡ୍ଡାଙ୍କ ଗସ୍ତ ପରେ ରାଜ୍ୟ ବିଜେପି ସଭାପତିଙ୍କ ନାଁ ଘୋଷଣା ହୋଇପାରେ। ଏପ୍ରିଲ ୧୪ ତାରିଖ ପରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଅବସରରେ ସେ ଦୂର କାର୍ଯ୍ୟକର୍ତ୍ତାମାନଙ୍କର ମାର୍ଗଦର୍ଶନ କରିବେ। ବହୁ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଦଳ ଓ ସଂଗଠନ ଭିତରେ କିପରି ସମନ୍ୱୟ ରହିବ, ତୃଣମୂଳ ସ୍ତରରେ ସଂଗଠନକୁ କିପରି ସୁଦୃଢ଼ କରାଯିବ, ସରକାରଙ୍କ ସଫଳତାର ପ୍ରଚାର ପ୍ରସାର ଦିଗରେ ଦଳର ଭୂମିକା କ'ଣ ରହିବ, ସେ ନେଇ

# ୨ ବର୍ଷରେ ତୁଟିବ ଜଗନ୍ନାଥଙ୍କ ସବୁ ଜମି ବିବାଦ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ରାଜ୍ୟ ସରକାର ତିନି ମାସ ମଧ୍ୟରେ ନୂଆ ୟୁନିଫର୍ମ ଲ୍ୟାଣ୍ଡ ପିଲିସି ଆଣିବାକୁ ଯାଉଛନ୍ତି। ଏହାକୁ କ୍ୟାବିନେଟ ବୈଠକରେ ଅନୁମୋଦନ ଦିଆଯିବ। ରାଜ୍ୟବ୍ୟାପୀ ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷ ମଧ୍ୟରେ ତୁଟିବ ବୋଲି ଆଜି ବିଧାନସଭାରେ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଜବରଦଖଲ କରିଥିବେ, ସେମାନଙ୍କୁ ୧୦୦ ଡିସିମିଲ ଜାଗା ରିହାତି ଦରରେ ରାଜ୍ୟ ସରକାର ଯୋଗାଇ ଦେବେ। କୋରାପୁଟ ଜିଲ୍ଲାରେ ଜଗନ୍ନାଥ ଜମି ଯେଉଁଠି ଜବରଦଖଲ ହୋଇଥିଲା ତାକୁ ଜବରଦଖଲ ମୁକ୍ତ କରାଯାଇଛି। ସେଠାରେ ୨୭ ହଜାର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି। ୨୪ଟି ଜିଲ୍ଲାରେ ମୋଟ ୬୦ ହଜାର ୪୨୬.୯୪ ଏକର ଜଗନ୍ନାଥଙ୍କ ଜମି ରହିଛି। ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ୱଲିପି ରାଜ୍ୟ ସରକାରଙ୍କ ପାଖରେ ରହିଛି। ଏହାର ଡିଜିଟାଇଜେସନ ପ୍ରକ୍ରିୟା ଜାରି ରହିଛି। ୨୨ ହଜାର ଏକର ଜମିର ଆରୋଆର ଯୋଗାଡ଼ ଚାଲିଛି। ରାଜ୍ୟ ବାହାରେ ୬ଟି ରାଜ୍ୟରେ ୩୯୫.୨୫ ଏକର ଜଗନ୍ନାଥ ଜମି ରହିଛି। ବିଧାନସଭା ପ୍ରଶ୍ନକାଳରେ ଏହି ତଥ୍ୟ ପ୍ରଦାନ କରିଛନ୍ତି ଆଇନ ମନ୍ତ୍ରୀ। ଆଇନ ମନ୍ତ୍ରୀ ଶ୍ରୀହରିଚନ୍ଦନ କହିଛନ୍ତି, କୋରାପୁଟ ଜିଲ୍ଲାରେ ଜଗନ୍ନାଥ ଜମି ଯେଉଁଠି ଜବରଦଖଲ ହୋଇଥିଲା ତାକୁ ଜବରଦଖଲ ମୁକ୍ତ କରାଯାଇଛି। ସେଠାରେ ୨୭ ହଜାର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି। ୨୪ଟି ଜିଲ୍ଲାରେ ମୋଟ ୬୦ ହଜାର ୪୨୬.୯୪ ଏକର ଜଗନ୍ନାଥଙ୍କ ଜମି ରହିଛି। ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସତ୍ୱଲିପି ରାଜ୍ୟ ସରକାରଙ୍କ ପାଖରେ ରହିଛି। ଏହାର ଡିଜିଟାଇଜେସନ ପ୍ରକ୍ରିୟା ଜାରି ରହିଛି। ୨୨ ହଜାର ଏକର ଜମିର ଆରୋଆର ଯୋଗାଡ଼ ଚାଲିଛି।



# ତତଲା କଡେଇରେ ଭାଜି ହେଉଛନ୍ତି ଝାରସୁଗୁଡାବାସୀ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ତାତିରେ ଅଲୋଡ଼ା ରେକର୍ଡ କରିଛି ଓଡ଼ିଶା। କେବଳ ଭାରତ ନୁହେଁ ବିଶ୍ୱର ଶ୍ରେଷ୍ଠ ୧୦ ତତଲା ସହରରେ ସ୍ଥାନ ପାଇଛି ଝାରସୁଗୁଡ଼ା ସହର। ୨୦୧୭ ମାର୍ଚ୍ଚ ପରେ ଝାରସୁଗୁଡ଼ାରେ ତାପମାତ୍ରା ଦ୍ୱିତୀୟ ଥର ପାଇଁ ୪୩ ଡିଗ୍ରୀ ଛୁଇଁଛି। ଅସହ୍ୟ ତାତି ଓ ଗୁଳୁଗୁଳି ପଛରେ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି ବିଶେଷଜ୍ଞ। ଅନ୍ୟପଟେ ପାଣିପାଗ ବିଭାଗ ଆକଳନ କରିଛି ଆହୁରି ୨୪ ଘଣ୍ଟା ଆକାଶରୁ ନିଆ ବର୍ଷିବ। ତେବେ ମାର୍ଚ୍ଚ ୩୧ରୁ ପାଗ ବଦଳିବ ଓ ଏପ୍ରିଲ ୨ରେ ହାଲୁକା ବର୍ଷାର ସମ୍ଭାବନା ରହିଛି।

ଦିନ ଦିପହରର ଡହଡ଼ହ ଖରା। ଆକାଶରୁ ଯେମିତି ନିଆଁ ଖସୁଛି। ଖରା ଏମିତି ଯେ ରାଜରାସ୍ତାରେ ସୃଷ୍ଟି କରୁଛି ମରିଚିକାର ଭ୍ରମ। ଝାରସୁଗୁଡ଼ା ଶୁକ୍ରବାର ତାତିକୁ ନେଇ ଅଲୋଡ଼ା ରେକର୍ଡ କରିଛି। ୪୩ ଡିଗ୍ରୀ ତାପମାତ୍ରାକୁ ନେଇ ଭାରତ ନୁହେଁ ସିଧା ବିଶ୍ୱର ଶ୍ରେଷ୍ଠ ୧୦ ତତଲା ସହରର ଅଷ୍ଟମ ସ୍ଥାନ ପାଇଛି ଝାରସୁଗୁଡ଼ା।

୨୦୧୭ ମାର୍ଚ୍ଚ ମାସରେ ୪୩.୩ ଡିଗ୍ରୀ ଝାରସୁଗୁଡ଼ାର ସର୍ବକାଳୀନ ରେକର୍ଡ। ଶୁକ୍ରବାର ୪୩ ଡିଗ୍ରୀ ତାପମାତ୍ରା ମାର୍ଚ୍ଚ ମାସର ଦ୍ୱିତୀୟ ସର୍ବାଧିକ ତାପମାତ୍ରା। ଅସହ୍ୟ ଗରମ ଓ ଗୁଳଗୁଳିରେ ଆଉଟୁପାଉଟୁ ହେଉଛନ୍ତି ଲୋକେ। କାଳବୈଶାଖୀ ପରଠୁ ପଶ୍ଚିମଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ବିଶେଷ କରି ଝାରସୁଗୁଡ଼ା, ସମ୍ବଲପୁର,



ଟିଟିଲାଗଡ଼ରେ ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପୂର୍ବରୁ ଟିଟିଲାଗଡ଼ ଦେଶର ତତଲା ସହର ପରିଚୟ ପାଇଥିଲା। ଏବେ କିନ୍ତୁ ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ପଡ଼ିଛି। ଖଣି ଖନନ, ଜଙ୍ଗଲ କ୍ଷୟ ଭଳି କାରଣ ଯୋଗୁଁ ତତଲା ସହରର ଆଖ୍ୟା ପାଇବାକୁ ଯାଉଛି ଝାରସୁଗୁଡ଼ା।

ସେପଟେ ଆହୁରି ୨୪ ଘଣ୍ଟା ଆକାଶରୁ ନିଆଁ ବର୍ଷିବ ବୋଲି ସତର୍କ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର।

୨୯ ଓ ୩୦ ତାରିଖରେ ହିଟ୍ ୱେଭ୍, ଗରମ ଓ ଗୁଳୁଗୁଳି ନେଇ କେତେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ୨୯ ତାରିଖ ପାଇଁ ୧୯ ଜିଲ୍ଲା ଏବଂ ୩୦ ତାରିଖ ପାଇଁ ୧୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ୨୯ ତାରିଖରେ ହିଟ୍ ୱେଭ ନେଇ ୮ ଜିଲ୍ଲା ଢେଙ୍କାନାଳ, ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡିକୁ ଚେତାବନୀ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧ, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତିକୁ ଚେତାବନୀ ଜାରି ହୋଇଛି। ୩୦ ତାରିଖରେ ହିଟ୍ ୱେଭ ନେଇ ୬ ଜିଲ୍ଲା ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିରକୁ ଚେତାବନୀ ଜାରି ହୋଇଥିବା ବେଳେ ଗରମ ଓ ଗୁଳୁଗୁଳି ନେଇ ୧୧ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧ, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତିକୁ ଚେତାବନୀ ଜାରି ହୋଇଛି । ସେହିପରି ମାର୍ଚ୍ଚ ୩୧ ତାରିଖ ଠାରୁ ଅପ୍ରେଲ ୨ ତାରିଖ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ ।



# ଜୀବନଚର୍ଯ୍ୟା





## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



### ଖବର

## 'ସ୍ୱୟମ୍ବର' ବନାମ 'ଅଜବ ଏ ପ୍ରେମ କାହାଣୀ'



ଏକା ତାରିଖ, ସମାନ ସମୟରେ ଦୁଇଟି ନୂଆ ଟେଲିସିନେମା ଦୁଇଟି ଭିନ୍ନ ଚ୍ୟାନେଲରେ ପ୍ରଦର୍ଶିତ ହେବୟ ମାର୍ଚ୍ଚ ୩୦ ତାରିଖ ସଂଧ୍ୟା ୬ଟାରେ ତରଙ୍ଗରେ 'ସ୍ୱୟମ୍ବର' ଏବଂ ଜୀ ସାର୍ଥକରେ 'ଅଜବ ଏ ପ୍ରେମ କାହାଣୀ'ର ୱାର୍ଲଡ୍ ପ୍ରିମିୟର ହେଉଛି । ଆଉ ଘଟଣାଚକ୍ରରେ ଦୁଇଟିଯାକ ଛବିର ଲେଖକ ବି ଜଣେ । ସେ ହେଲେ ସିନେମା ଓ ଟେଲିଜଗତର ଜଣାଶୁଣା ଲେଖକ ପ୍ରିୟବ୍ରତ ପଣ୍ଡା । ସେ ଉପରୋକ୍ତ ଦୁଇ ଟେଲି ସିନେମାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ।ଆସନ୍ତାକାଲି ଦୁଇ ଭିନ୍ନ ଭିନ୍ନ ଚ୍ୟାନେଲରେ ପ୍ରଦର୍ଶିତ ହେବାକୁ ଯାଉଛି ଦୁଇଟି ଟେଲି ସିନେମାୟ ଉଭୟର ଲେଖକ ଜଣେ, ହେଲେ ନିର୍ଦ୍ଦେଶକ ଓ କଳାକାର ଅଲଗା ।'ସ୍ୱୟମ୍ବର'ରେ ଓଲିଉଡ୍ର ଜଣାଶୁଣା ନାୟିକା ଦେବଯାନୀ ପ୍ରଥମ ଥର ଲାଗି ଟେଲି ସିନେମାରେ ଅଭିନୟ କରୁଥିବା ବେଳେ ଜୀ ସାର୍ଥକର ମେଗା ଧାରାବାହିକ 'ମଧୁର ସଂସାର' ଫେମ୍ ନାୟିକା ଭକ୍ତି ପଟ୍ଟନାୟକ 'ଅଜବ ଏ ପ୍ରେମ କାହାଣୀ' ଜରିଆରେ ଟେଲି ସିନେମାରେ ପଦାର୍ପଣ କରିଛନ୍ତି । 'ସ୍ୱୟମ୍ବର'ରେ ସ୍ୱୟଂସ୍ୱରୂପ ଦେବଯାନୀଙ୍କର ନାୟକ ଭୂମିକାରେ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶଙ୍କର ଓ କାଜଲ୍ ମହାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି । ମୃତ୍ୟୁଞ୍ଜୟ ସାହୁ ଏହି ଟେଲି ସିନେମାର ନିର୍ଦ୍ଦେଶକୟ ଏଣେ 'ଅଜବ ଏ ପ୍ରେମ କାହାଣୀ'ରେ ଭକ୍ତିଙ୍କ ବିପକ୍ଷରେ ଶ୍ରୀଜି ମହାପାତ୍ର ନାୟକ ଭୂମିକାରେ ନଜର ଆସିବେୟ ଏହାଛଡ଼ା ଦେବୁ ପଟ୍ଟନାୟକ, ରୁଷି ପଟ୍ଟନାୟକ, ମୋନାଲିସା, ଜୟନ୍ତ ଓ ମାତୃଦ□ ପ୍ରମୁଖ ବି ଏଥିରେ ଅଭିନୟ କରିଛନ୍ତି । ରାସେଶ ମହାନ୍ତି ଏହାର ନିର୍ଦ୍ଦେଶକୟ ଉଭୟର କାହାଣୀରେ ଭିନ୍ନତା ରହିଛି । ତେବେ କାହାକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି, ତାହା ଦେଖିବାକୁ ବାକି ରହିଲା ।

## ପ୍ରତି ଗୁରୁବାର ତୁଳସୀ ଗଛ ମୂଳେ କ୍ଷୀର ଢାଳନ୍ତୁ



ନକାରାତ୍ମକ ଶକ୍ତିର ପ୍ରଭାବ ରହିଲେ ଆର୍ଥିକ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ । ତେବେ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ସଞ୍ଚାର କରିବା ପାଇଁ ବାସ୍ତୁଶାସ୍ତ୍ରରେ ଅନେକ ଉପାୟ ରହିଛି । ତା'ହେଲେ ଆସନ୍ତୁ ଜାଣିନେବା ସେହିପରି କିଛି ଉପାୟ ସଂପର୍କରେ, ଯାହା ଘରର ସୁଖଶାନ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ ।

୧. ପ୍ରତି ଗୁରୁବାର ତୁଳସୀ ଗଛକୁ ଅଳ୍ପ କ୍ଷୀର ଅର୍ପଣ କରନ୍ତୁ ବା ଏହାର ମୂଳରେ ଢାଳନ୍ତୁ । ଏହାଦ୍ୱାରା ଘରେ ଲକ୍ଷ୍ମୀ ବାସ କରିଥା'ନ୍ତି ଓ ଆର୍ଥିକ ସମସ୍ୟା ସୁଧୁରିଥାଏ ।

୨. କିଛି ଘରେ ସର୍ବଦା କଳିଝଗଡ଼ା ଲାଗି ରହେ । ଆପଣଙ୍କ ଘରେ ବି ଏହି ସ୍ଥିତି ଅଛି କି ? ତା'ହେଲେ ପ୍ରତିଦିନ ପାଣିରେ ଅଳ୍ପ ଲୁଣ ମିଶାଇ ଘର ପୋଛନ୍ତୁ । ଏହାଦ୍ୱାରା ନକାରାତ୍ମକ ଶକ୍ତି ନଷ୍ଟ ହୋଇଯିବ ଏବଂ ପରିବାରର ସଦସ୍ୟଙ୍କ ମଧ୍ୟ ପ୍ରେମ ଓ ଶ୍ରଦ୍ଧା ବଢ଼ିବ ।

୩. ପ୍ରତ୍ୟେକ ଦିନ ଶିବ ଲିଙ୍ଗରେ ଜଳ ସହିତ ଅଳ୍ପ କ୍ଷୀର ମିଶାଇ ଅଭିଷେକ କରନ୍ତୁ । ତେବେ ପାତ୍ରରେ ଅଳ୍ପ ଟିକେ କ୍ଷୀର ମିଶା ପାଣି ବଞ୍ଚାଇ ରଖନ୍ତୁ । ଏହାକୁ ଘରର ମୁଖ୍ୟ ଦ୍ୱାରର ଦୁଇ ପାର୍ଶ୍ୱରେ ଢାଳନ୍ତୁ । ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ।

୪. ପ୍ରତି ଦିନ ସଂଧ୍ୟାରେ ଓସ୍ତ ଗଛ ମୂଳରେ ପାଣି ଦିଅନ୍ତୁ । ପାଣିରେ ଅଳ୍ପ ଟିକେ କ୍ଷୀର ବି ମିଶାନ୍ତୁ । ଏହାପରେ ଦୀପ ଲଗାଇ ମନରେ ଯାହା ଅଛି ତାକୁ ସ୍ମରଣ କରି ଓସ୍ତ ଗଛକୁ ୫ ଥର ପରିକ୍ରମା କରନ୍ତୁ । ଏପରି କଲେ ଆପଣଙ୍କ ଇଚ୍ଛା ପୂରଣ ହୋଇଥାଏ ଓ ଘରେ ସୁଖଶାନ୍ତି ବିରାଜମାନ କରନ୍ତି ।

## ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ



ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି । ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ । ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗଙ୍କୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

## ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍





ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ । ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।

## ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ

ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୂଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି । ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା - ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି । ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।



# ନିର୍ଦ୍ଧାରିତ ସମୟ ପୂର୍ବରୁ ସ୍କ୍ରାପ୍ ବିକ୍ରି କଲା ରେଳବାଇ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ଏକ ଉଲ୍ଲେଖନୀୟ ସଫଳତାରେ, ପୂର୍ବତଟ ରେଳପଥ ଚଳିତ ଆର୍ଥିକ ବର୍ଷ ଶେଷ ହେବାର ୧୦ ଦିନ ପୂର୍ବରୁ ୨୫୦ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରିଛି। ରେଳବାଇ ବୋର୍ଡ ଦ୍ୱାରା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୨୫୦ କୋଟି ଟଙ୍କାର ଲକ୍ଷ୍ୟ ଧାର୍ଯ୍ୟକୁ ୨୧ ମାର୍ଚ୍ଚ, ୨୦୨୫ ରେ ହାସଲ କରାଯାଇଥିଲା। ଏହି ତାରିଖ ସୁଦ୍ଧା, ପୂର୍ବତଟ ରେଳପଥ ମୋଟ ୨୬୫.୬୨ କୋଟି ଟଙ୍କାର ସ୍କ୍ରାପ୍ ବିକ୍ରୟ ରେକର୍ଡ କରିଛି, ଯାହା ମୂଳ ଲକ୍ଷ୍ୟକୁ ଅତିକ୍ରମ କରିଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ସ୍କ୍ରାପ୍ ବିକ୍ରୟ ପ୍ରକ୍ରିୟାରେ ସାମିଲ ଥିବା ସମଗ୍ର ଦଳକୁ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପ୍ରମୁଖ ମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଶ୍ରୀ ପ୍ରେମ ନାରାୟଣଙ୍କ ଦ୍ୱାରା ସ୍କ୍ରାପ୍ ବିକ୍ରୟ ବ୍ୟବସ୍ଥାର ସଠିକ ମାର୍ଗଦର୍ଶନ ଏବଂ ନିରନ୍ତର ସମୀକ୍ଷା ଯୋଗୁଁ ଏହି ମାଇଲଖୁଣ୍ଟ ସମ୍ଭବ ହୋଇପାରିଛି ।

ଏହି ସଫଳତା ପୂର୍ବତଟ ରେଳପଥର ବିଭିନ୍ନ ରେଳ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ୱାଲଟିୟର ଏବଂ ମଞ୍ଚେଶ୍ୱରର ରେଳ ଡ଼ବା ମରାମତି କାରଖାନାରେ ଥିବା ସ୍କ୍ରାପ୍



ୟାର୍ଡରେ ଅନୁଷ୍ଠିତ ୨୦୪ ଟି ନିଲାମ ତାରିଖ ମାଧ୍ୟମରେ ସମ୍ଭବ ହୋଇପାରିଛି। ଏହି ରେଳ ମଣ୍ଡଳ ଗୁଡ଼ିକ ବିଭିନ୍ନ ସ୍କ୍ରାପ୍ ସାମଗ୍ରୀ ଯେପରିକି ବ୍ୟବହାର ଅନୁପଯୋଗୀ କରାଯାଇଥିବା ରୋଲିଂ ଷ୍ଟକ୍, ଲୋକୋମୋଟିଭ୍, କୋଚ୍ ଏବଂ ୱାଗନ୍, ସ୍କ୍ରାପ୍ ରେଲ, ରେଳ ଧାରଣାରେ ବ୍ୟବହୃତ ହୋଇଥିବା ଅକାମି ଜିନିଷ ଏବଂ କର୍ମଶାଳାରୁ ବାହାରିଥିବା ଅବ୍ୟବହୃତ ସ୍କ୍ରାପ୍ ବିକ୍ରୟକୁ ସହଜ କରିଥିଲେ। ଏହା ସହିତ, ଫେରସ୍, ଅଣ-ଫେରସ୍ ଏବଂ ଅଣ-ଧାତୁ ସ୍କ୍ରାପ୍ ଏବଂ ଅକାମି କରାଯାଇଥିବା ଯନ୍ତ୍ରପାତି, ଯାନବାହାନ ଏବଂ ଅଫିସ୍ ଉପକରଣଗୁଡ଼ିକୁ ଯେପରି ଅଛି ଯେଉଁଠାରେ ଅଛି ଆଧାରରେ ନିଲାମ କରାଯାଇଥିଲା। ସ୍କ୍ରାପକୁ ଦକ୍ଷତାର ସହିତ ନିଷ୍କାସନ କରି, ପୂର୍ବତଟ ରେଳପଥ ସଫଳତାର ସହିତ ଅବର୍ଜନାକୁ ସମ୍ପତ୍ତିରେ ରୂପାନ୍ତରିତ କରିଛି। ମାର୍ଚ୍ଚ ୨୭, ୨୦୨୫ ସୁଦ୍ଧା ୨୬୫.୬୨ କୋଟି ଟଙ୍କା ଏହି ବାବଦରେ ଆୟ କରାଯାଇ ଅଛି। ଏହା ବ୍ୟତୀତ, ରେଳବାଇ ପରିସରରୁ ସ୍କ୍ରାପ୍ ଅପସାରଣ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବକୁ ହ୍ରାସ କରି ପରିବେଶଗତ ସ୍ଥିରତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଅଛି।

୨୦୨୪-୨୫ ଆର୍ଥିକ ବର୍ଷରେ, ପୂର୍ବତଟ ରେଳପଥ ସ୍କ୍ରାପ୍ ନିଷ୍କାସନରୁ "୨୬୫.୬୨ କୋଟି ଟଙ୍କା ଆୟ କରିଛି ଯାହାକି ପୂର୍ବ ଆର୍ଥିକ ବର୍ଷ ଆୟ "୨୫୮.୧୬ କୋଟି ଠାରୁ " ୭.୪୬ କୋଟି ଟଙ୍କା ଅଧିକ ଅଟେ। ରେଳ ବୋର୍ଡ ପକ୍ଷରୁ ପୂର୍ବତଟ ରେଳପଥ ପାଇଁ ସ୍କ୍ରାପ୍ ଅପସାରଣ ବାବଦରେ " ୨୫୦ କୋଟି ଟଙ୍କା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ପୂର୍ବତଟ ରେଳପଥ ଗତ ପାଞ୍ଚ ବର୍ଷ ଧରି ରେଳ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ନିରନ୍ତର ଅତିକ୍ରମ କରିଚାଲିଛି। ଏକ ସ୍କ୍ରାପ୍-ମୁକ୍ତ ଏବଂ ପରିବେଶ-ଅନୁକୂଳ ରେଳ ଜୋନ୍ ବଜାୟ ରଖିବା ପାଇଁ ନିରନ୍ତର ପ୍ରୟାସରେ ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରରୁ ସର୍ବାଧିକ ସ୍କ୍ରାପ୍ ଅପସାରଣ ସୁନିଶ୍ଚିତ କରିଛି।

# କୃଷକ ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ କୃଷି ବିଦ୍ୟାନିଧି ଯୋଜନା

**ଭୁବନେଶ୍ୱର, ୨୯।୩ (ମହାଭାରତ):** ଓଡ଼ିଶା ସରକାର ସର୍ବଦା କୃଷି ଓ କୃଷକଙ୍କୁ ପ୍ରାଧାନ୍ୟ ଦେଇ ଆସିଛନ୍ତି। କେବଳ କୃଷକ ନୁହଁନ୍ତି, ସେମାନଙ୍କ ପୁଅଝିଅଙ୍କ ଶିକ୍ଷାକୁ ଅଗ୍ରାଧିକାର ଦେଇଆସିଛନ୍ତି।

ଓଡିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ସିଏମ କିସାନ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ଯୋଜନା ଅଧୀନରେ ରାଜ୍ୟର ଚାଷୀ ମାନଙ୍କୁ ସଶକ୍ତ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ଏବଂ ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚଶିକ୍ଷା ପାଇଁ ମଧ୍ୟ ସରକାର ଅତ୍ୟନ୍ତ କଲ୍ୟାଣକାରୀ କୃଷି ବିଦ୍ୟା ନିଧି ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତବୈଷୟିକ ଓ ବୃତ୍ତିଗତ ବିଷୟରେ ଉଚ୍ଚଶିକ୍ଷା ପାଇଁ ସିଏମ୍ କିସାନ ହିତାଧିକାରୀ କ୍ଷୁଦ୍ର, ନାମମାତ୍ର ଓ ଭୂମିହୀନ ଚାଷୀ ଭାଇ ଭଉଣୀଙ୍କ ପୁଅ ଝିଅଙ୍କୁ ବାର୍ଷିକ ଟ୍ୟୁସନ ଫିସ୍ ବା ପଢା ଖର୍ଚ୍ଚ ଓଡ଼ିଶା ସରକାରଙ୍କ କୃଷି ବିଭାଗ ତରଫରୁ ଯୋଗାଇ ଦିଆଯାଉଛି। କେବଳ ପଢା ଖର୍ଚ୍ଚ ନୁହେଁ ହଷ୍ଟେଲ ଖର୍ଚ୍ଚ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଏହି ଯୋଜନା ଅନୁଯାୟୀ ସରକାରୀ, ବେସରକାରୀ ତଥା ଜାତୀୟସ୍ତରର ଶିକ୍ଷାନୁଷ୍ଠାନ ମାନଙ୍କରେ ଡାକ୍ତରୀ, ଇଞ୍ଜିନିୟରିଂ, ନର୍ସିଂ, ଡିପ୍ଲୋମା ଇଞ୍ଜିନିୟରିଂ, ବିବିଏ, ବିସିଏ ଭଳି ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ସରକାରୀ ଅନୁଷ୍ଠାନ ପାଇଁ ପ୍ରକୃତ ଫିସ୍ କୁ ଛାତ୍ରବୃତ୍ତି ଆକାରରେ ଦିଅଯାଉଥିବା ବେଳେ ଘରୋଇ ଶିକ୍ଷାନୁଷ୍ଠାନ ପିନ ସର୍ବାଧିକ ବାର୍ଷିକ ରାଶି ସ୍ଥିର କରାଯାଇଛି ଯେପରିକି, ବି ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୦ ହଜାର ଟଙ୍କା, ଏମ୍ ଟେକ୍ ଇଞ୍ଜିନିୟରିଂ ପାଇଁ ବାର୍ଷିକ ୬୬ ହଜାର ଟଙ୍କା, ଏମବିଏ ପାଠ୍ୟକ୍ରମ ପାଇଁ ୬୫ ହଜାର ଟଙ୍କା, ୪ ରୁ ୫ ବର୍ଷିଆ। ଡାକ୍ତରୀ ଶିକ୍ଷା ନିମନ୍ତେ ବାର୍ଷିକ ୩୭,୯୫୦ ଟଙ୍କା ସ୍କଲାରସିପ୍, ୪ ବର୍ଷିଆ। ବି ଫାର୍ମ ନିମନ୍ତେ ବାର୍ଷିକ ୩୫ ହଜାର ଟଙ୍କା, ନର୍ସିଂ ଶିକ୍ଷା ପାଇଁ ୧୯ ହଜାର ୪୫୦ ଟଙ୍କା, ଦୁଇ ବର୍ଷିଆ। ଡାକ୍ତରୀ ଶିକ୍ଷାରେ ସ୍ନାତକ ପାଇଁ ବାର୍ଷିକ ୫୮ ହଜାର ଟଙ୍କା, ଆର୍କିଟେକ୍ଟ ପାଠ୍ୟକ୍ରମ ପାଇଁ ୬୦ ହଜାର ଟଙ୍କାଇତ୍ୟାଦି ପ୍ରଦାନ କରାଯାଉଛି। ପାଠ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଜଣେ ଶିକ୍ଷାର୍ଥୀ ଏହାର ସୁବିଧା ପାଉଛନ୍ତି।

ଚଳିତ ବର୍ଷ କୃଷି ବିଦ୍ୟାନିଧି ଯୋଜନାରେ ସମୁଦାୟ ୧୩୯୨୩ ଜଣ ଛାତ୍ରଛାତ୍ରୀ ଉପକୃତ ହୋଇଥିବାବେଳେ ଏଥିରେ ୫୯୨ ଜଣ ମେଡିକାଲ, ୪୫୯୨ ଜଣ ଇଞ୍ଜିନିୟରିଂ, ୪୫୭୪ ଜଣ ପଲିଟେକନିକ, ୧୪୧୭ ଜଣ ନର୍ସିଙ୍ଗ, ୫୧୦ ଜଣ ଏମ.ସି.ଏ, ୧୭୪ ଜଣ କୃଷି ଓ ଆନୁସଙ୍ଗିକ ଶିକ୍ଷାର୍ଥୀ ସାମିଲ୍ ଅଛନ୍ତି ଓ ଏଥି ମଧ୍ୟରୁ ୫୫ ଜଣ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଅଟନ୍ତି ଓ ଏଥି ନିମନ୍ତେ ରାଜ୍ୟ ସରକାର ଚଳିତବର୍ଷ ୫୩,୫୭,୯୪,୪୦୫ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ଓ ଏହି ଛାତ୍ରବୃତ୍ତି ରାଶି ଛାତ୍ରଛାତ୍ରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ପ୍ରଦାନ କରାଯାଉଛି। ଏହା ସେମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ସଫଳ ନାଗରିକ ଭାବେ ଗଢିବାରେ ସହାୟକ ହେବ।

# ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପକ୍ଷରୁ ନାଟ୍ୟ ଦିବସ



**ଭୁବନେଶ୍ୱର, ୨୯।୩ (ମହାଭାରତ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପକ୍ଷରୁ ଆଜି ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ନାଟ୍ୟ ଦିବସ ଅବସରରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, ସଂସ୍କୃତି ମନ୍ତ୍ରାଳୟ, ଭାରତ ସରକାର, କୋଲକାତାର ମିଳିତ ସହଯୋଗରେ ଆଜି ରବୀନ୍ଦ୍ର ମଣ୍ଡପ ଠାରେ ନାଟକ ଉତ୍ତମ ପୁରୁଷ ମଞ୍ଚସ୍ଥ ହୋଇଛି। ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସଚିବ ଡ଼ଃ ଚନ୍ଦ୍ର ଶେଖର ହୋତା ଏବଂ ଅନ୍ୟାନ୍ୟ ବିଶିଷ୍ଟ ନାଟ୍ୟକାରମାନେ ପ୍ରଦୀପ ପ୍ରଜ୍ୱଳନ କରି ଅନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନାଟକ ହେଉଛି ଆମ ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀର ଏକ ନିଚ୍ଛକ ନିଦର୍ଶନ। ଏଥିସହ ନାଟକ ଆମ ସାମାଜିକ ଏବଂ ସାଂସ୍କୃତିକ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ସଚିବ ଡ଼ଃ ହୋତା ମତବ୍ୟକ୍ତ କରିଥିଲେ। ମଞ୍ଚସ୍ଥ ହୋଇଥିବା ନାଟକ ଉତ୍ତମ ପୁରୁଷ ସାମ୍ପ୍ରତିକ ସମୟର ଆଇନ ବ୍ୟବସ୍ଥା ଉପରେ ଆଧାରିତ ଥିଲା। ଏଥିସହ ନାଟକରେ କଳାକାରମାନଙ୍କ ଦ୍ୱାରା ଚିତ୍ରଣ କରାଯାଇଥିବା ପ୍ରତ୍ୟେକ ଚରିତ୍ର ଦର୍ଶକମାନଙ୍କର ମନ ଜିଣିବାରେ ବେଶ୍ ସଫଳ ହୋଇପାରିଥିଲା।

# ୨୭ ଜିଲ୍ଲାରେ ହ୍ରାସ ପାଇଛି ଭୂତଳ ଜଳସ୍ତର

**ଭୁବନେଶ୍ୱର, ୨୯।୩ (ମହାଭାରତ):** ରାଜ୍ୟର ୨୭ଟି ଜିଲ୍ଲାରେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏହି ତାଲିକାରେ ସବୁଠାରୁ ଆଗରେ ଗଜପତି ଜିଲ୍ଲା ରହିଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ରାୟଗଡା ଜିଲ୍ଲା। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ଯେ ୨୦୨୩ ତୁଳନାରେ ୨୦୨୪ ବର୍ଷରେ ରାଜ୍ୟର ୨୩ଟି ଜିଲ୍ଲାରେ ଭୂତଳ ଜଳସ୍ତର ହ୍ରାସ ପାଇଛି । ମାତ୍ର ୭ଟି ଜିଲ୍ଲା ବାଲେଶ୍ୱର, ଭଦ୍ରକ, କଟକ, କେନ୍ଦ୍ରାପଡା, ମାଲକାନଗିରି, ନୂଆପଡା ଓ ସମ୍ବଲପୁର ଜିଲ୍ଲାରେ ଜଳସ୍ତର ବୃଦ୍ଧି ପାଇଛି।

ତେବେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଜିଲ୍ଲା ମଧ୍ୟରେ ସବୁଠାରୁ ଆଗରେ ରହିଛି ଗଜପତି ଜିଲ୍ଲା ରହିଛି । ଏଠାରେ ଭୂତଳ ଜଳସ୍ତର ଭୂମିଠାରୁ ୮.୦୩ ମିଟର ତଳେ ରହିଛି, ଯାହାକି ପୂର୍ବବର୍ଷ ତୁଳନାରେ ପାଖପାଖି ୪ ମିଟର ହ୍ରାସ ପାଇଛି । ଏହା ପଛକୁ ରହିଛି ରାୟଗଡା ଜିଲ୍ଲାରେ ଏଠାରେ ଜଳସ୍ତର ୨ ମିଟରରୁ ଅଧିକ ତଳକୁ ଖସିଯାଇଛି । କେତେକ ଉପକୂଳ ଜିଲ୍ଲା ଯଥା ଜଗତସିଂହପୁର, ପୁରୀରେ ଭୂତଳ ଜଳସ୍ତର ହ୍ରାସ ପାଇଥିବା ମୁଖ୍ୟମନ୍ତ୍ରୀଙ୍କ ଉତରରୁ ଜଣାପଡିଛି । ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ୨୦୨୨-୨୩ ରୁ ୨୦୨୬-୨୭ ପର୍ଯ୍ୟନ୍ତ ଦୁଇଟି ଯୋଜନା ଯଥା "ଛାତ" ଏବଂ "ଅରୁଆ" କାର୍ଯ୍ୟକାରୀ କରାଯାଉଛି । ଛାତ ଯୋଜନା ମାଧ୍ୟରେ ରାଜ୍ୟରେ ୨୭ଟି ସହରାଂଚଳ ଏବଂ ୫୨ଟି ବ୍ଲକରେ ୨୯,୫୦୦ଟି ବେସରକାରୀ କୋଠା ଏବଂ ୧୯୨୫ଟି ସରକାରୀ କୋଠାରେ ବର୍ଷାଜଳର ସଂରକ୍ଷଣ ଯୋଜନା କରାଯାଇଛି ।

# ବ୍ୟବସାୟିକ ସମସ୍ୟାର ସ୍ଥାୟୀ ସମାଧାନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ମାର୍ଚ୍ଚ ୧୯ ତାରିଖରୁ ୧୦ ଦିନିଆ ଶୈକ୍ଷିକ କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌କୁ ଆସିଥିବା ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲର ୧୮ ଜଣିଆ ପ୍ରତିନିଧିମଣ୍ଡଳ କିଟ୍ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରକଳ୍ପରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଇତି ମଧ୍ୟରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ଓ କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସ୍ଥାନୀୟ ଅଞ୍ଚଳର



ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଏକ ପ୍ରକଳ୍ପ ଉପରେ ଆଲୋଚନା କରିଛନ୍ତି । ଏହି ଉଦ୍ୟୋଗୀଙ୍କ ବ୍ୟବସାୟିକ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ସେମାନେ ଆଲୋଚନା କରିଥିଲେ। ତଥ୍ୟ-ସମର୍ଥିତ ସୁପାରିଶ ଓ ବିଶ୍ୱବ୍ୟାପୀ ସେଗୁଡ଼ିକର ଅନୁଶୀଳନଠାରୁ ବ୍ୟବସାୟୀମାନେ କିଭଳି ଉପକୃତ ହୋଇପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟ ଆରମ୍ଭ କରିଛନ୍ତି। ଫଳରେ ଏହା ଦ୍ୱାରା ସମସ୍ତ ହିତାଧିକାରୀ ଉପକୃତ ହୋଇପାରିବେ। ଏହା ସହିତ ସ୍ଥାନୀୟ ତଥ୍ୟ ଜରିଆରେ ଛାତ୍ରଛାତ୍ରୀମାନେ ସେମାନଙ୍କ ପ୍ରାସଙ୍ଗିକ ସମସ୍ୟାର ସମାଧାନ କ୍ଷମତାକୁ ଆହୁରି ବୃଦ୍ଧି କରିପାରିବେ। ଏହା ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ପାରମ୍ପରିକ ବିନିମୟ କାର୍ଯ୍ୟକ୍ରମ ଧାରଣାରୁ ଆଗକୁ ବଢ଼ିବା ଏବଂ ବାସ୍ତବ-ବିଶ୍ୱ ସମସ୍ୟା ସମାଧାନକୁ ପ୍ରାଥମିକତା ଦେଉଥିବା ସହଯୋଗୀ ଶିକ୍ଷାଦାନ ମଡେଲଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ। ଏହି ସହଯୋଗିତାକୁ ପ୍ରଶଂସା କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶିକ୍ଷାର ଅନ୍ତର୍ଜାତୀୟକରଣ ପ୍ରତି କିଟ୍ ବିଶ୍ୱବିଦ୍ୟାଳୟର ଦୃଷ୍ଟିକୋଣକୁ ମଧ୍ୟ ପ୍ରଦର୍ଶିତ କରେ ବୋଲି କହିଛନ୍ତି। କିଟ୍ ଓ ୱାଶିଂଟନ୍ ବିଶ୍ୱବିଦ୍ୟାଳୟ-ବୋଥେଲ ମଧ୍ୟରେ ଏହି ସହଭାଗିତାର ସଫଳତା ବିଶ୍ୱର ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଏକ ଉଦାହରଣ ଭାବେ ନିଆଯାଇପାରେ ବୋଲି ସେ କହିଛନ୍ତି।

## ମନ୍ତ୍ରୀଙ୍କ ନିକଟରେ ସୂଚନା ପହଞ୍ଚାଉଛନ୍ତି ୨୦ ଅଧିକାରୀ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ବିଭିନ୍ନ ଗଣମାଧ୍ୟମର ପ୍ରକାଶିତ ଖବରଗୁଡିକ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ ଓ ଶାସନ ସଚିବ ଆଦିଙ୍କ ଦୃଷ୍ଟିକୁ ଆଣିବାପାଇଁ ଓଡିଶା ସୂଚନା ଦେବା ବର୍ଗର ୨୦ଜଣ ଅଧିକାରୀ ଓ ୩ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଛାପା ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ଓ ବିଭିନ୍ନ ସୋସିଆଲ ମିଡିଆରେ ପ୍ରକାଶିତ ଖବରଗୁଡିକ ପ୍ରକାଶିତ ହେବା ଦିନ ହିଁ ସୂଚନା/ଲୋକସମ୍ପର୍କ ଅଧିକାରୀମାନେ ଖବରକାଗଜ ର ସମ୍ପୃକ୍ତ ଅଂଶକୁ ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉପରୋକ୍ତ ମନ୍ତ୍ରୀଙ୍କ ଦପ୍ତର ଓ ନିଜ ନିଜ ବିଭାଗକୁ ପଠାଇଥାନ୍ତି।

# ବଜ୍ରପାତ ରୋକିବାକୁ ୧୯ଲକ୍ଷ ତାଳ ଗଛ ଚାରା

**ଭୁବନେଶ୍ୱର, ୨୯।୩ (ମହାଭାରତ):** ବ୍ରଜପାତରୁ ସୁରକ୍ଷା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୀ ପରିବର୍ତନ ବିଭାଗ ତରଫରୁ ୨୦୨୪-୨୫ ଆର୍ଥିକ ବର୍ଷରେ ତାଳ ଗଛ ଚାରା ରୋପଣ ପାଇଁ ହୋଇଥିବା ଯୋଜନାରେ ବର୍ତମାନ ସୁଦ୍ଧା ୫୧ଟି ବନଖଣ୍ଡରେ ୧୯ଲକ୍ଷ ତାଳ ଗଛ ଚାରା ରୋପଣ କରାଯାଇଛି।

ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଏହି ଯୋଜନାରେ ଦୁଇ ବର୍ଷ ଯଥା ୨୦୨୪-୨୫ ଏବଂ ୨୦୨୫-୨୬ ବର୍ଷ ପାଇଁ ୭କୋଟି ୫୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥବଲା। ବଜ୍ରପାତକୁ ରୋକିବାପାଇଁ ରାଜ୍ୟ ସରକାର ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ୨୩ଲକ୍ଷ ତାଳଗଛ ଚାରା ରୋପଣ ପାଇଁ ୭.୫୯କୋଟି ଟଙ୍କା ପ୍ରଦାନ କରାଯିଥିଲା। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଲଗାଯାଇଥିବା ତାଳଗଛ ଚାରା ମଧ୍ୟରୁ ସର୍ବାଧିକ ୧ଲକ୍ଷ ଚାରା କଳାହାଣ୍ଡି ଦକ୍ଷିଣ ବନଖଣ୍ଡରେ ଲଗାଯାଇଥିବାବେଳେ ନଗୟାଗଡ ଓ ସୁନ୍ଦରଗଡର ବଣାଇ ବନଖଣ୍ଡରେ ୮୦ହଜାର କରି ତାଳଗଛ ଚାରା ଲଗାଯାଇଛି । ସବୁଠାରୁ କମ ମାତ୍ର ୧ହଜାର ତାଳ ଚାରା କଟକ ସିଟି ବନଖଣ୍ଡରେ ଲଗାଯାଇଛି। ଗତ ୫ବର୍ଷ ମଧ୍ୟରେ ବଜ୍ରପାତରେ ରାଜ୍ୟରେ ମୋଟ ୧୪୧୮ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏଥି ମଧ୍ୟରେ ୨୦୨୦-୨୧ ବର୍ଷରେ ସର୍ବାଧିକ ୩୩୯ଜଣ ମୃତ୍ୟୁବରଣ କରିଥିବାବେଳେ ୨୦୨୨-୨୩ ବର୍ଷରେ ୩୦୬ ଜଣ ମରିଛନ୍ତି। ଏହି ୫ବର୍ଷରେ ସର୍ବାଧିକ ୧୩୪ଜଣ ମୟୁରଭଞ୍ଜ ଜିଲ୍ଲାରେ ମୃତ୍ୟୁବରଣ କରିଥିବାବେଳେ ବାଲେଶ୍ୱରରେ ୧୧୦, ଗଞ୍ଜାମରେ ୧୦୪ ଓ କେନ୍ଦୁଝରରେ ୧୦୦ ଜଣ ମୃତ୍ୟୁବରଣ କରିଛନ୍ତି। ଦେବଗଡ ଜିଲ୍ଲାରେ ସବୁଠାରୁ କମ ମାତ୍ର ୧୧ ଜଣ ମୃତ୍ୟୁବରଣ କରିଛନ୍ତି।

# ବୟନିକାର ବିଶେଷ ରିହାତି ସୁବିଧା ଆରମ୍ଭ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ଓଡ଼ିଶା ଦିବସ ଉପଲକ୍ଷେ ବିଶେଷ ସରକାରୀ ରିହାତି ଦରରେ ବୟନିକାର ବିକ୍ରୟ ଆଜିଠୁ ଆରମ୍ଭ ହୋଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ବୟନିକା ହସ୍ତତନ୍ତ ସାମଗ୍ରୀର ପ୍ରଚାର ପ୍ରସାର ଓ ବୁଣାକାରଙ୍କ ଆର୍ଥିକ ସମୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ନିଆଯାଇଛି। ଏହା ସହ ସେ କହିଛନ୍ତି, ହସ୍ତତନ୍ତ କ୍ଷେତ୍ରର ନିରନ୍ତର ଅଭିବୃଦ୍ଧି ଏବଂ ଅନ୍ତର୍ଜାତୀୟ ସ୍ୱୀକୃତି ସୁନିଶ୍ଚିତ କରିବା ସହିତ ଏହାର ସଂରକ୍ଷଣ ଏବଂ ପ୍ରୋତ୍ସାହନ ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ ଅଛନ୍ତି। ଓଡ଼ିଶା ଦିବସ ପାଳନ ଅବସରରେ ଏହା ପର୍ଯ୍ୟଟକ ତଥା ଗ୍ରାହକମାନଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତର ଐତିହ୍ୟ ସମ୍ପର୍କରେ ମଧ୍ୟ ପରିଚିତ କରାଇବ।



ଏହି ସୁବିଧା ୨୭ ରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ। ସମସ୍ତ ହସ୍ତତନ୍ତ ଉତ୍ପାଦ ଉପରେ ୨୦% + ୧୦% + ୫% ବିଶେଷ ରିହାତିର ସୁବିଧା ମିଳିବ। ବୟନିକାର ସମସ୍ତ ବିକ୍ରୟ ଶାଖା, ସ୍ଥାନୀୟ ପ୍ରଦର୍ଶନୀ ପଡିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ମେଳା ଓ ଜନତା ମଇଦାନରେ ଚାଲିଥିବା ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାରେ ରେ ଖୋଲିଥିବା ବୟନିକା ଷ୍ଟଲରେ ଏହି ବିଶେଷ ରିହାତି ସୁବିଧା ଉପଲବ୍ଧ ହେବ। ବୟନ ଭବନ ସ୍ଥିତ "ବୟନିକା ଅନନ୍ୟ" ଶାଖାରେ ରାତି ୧୧ଟା ରୁ ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରୟ ଉପରେ ଅତିରିକ୍ତ ୫% ରିହାତି (୨୦% + ୧୦% + ୫%+ ୫%) ସୁବିଧା ମିଳିବ। ବୟନିକା ଅନନ୍ୟ ଶାଖା ରାତ୍ରୀ ବଜାର ସମୟରେ ଶାସ୍ତ୍ରୀୟ ସଂଗୀତ ପ୍ରଦର୍ଶନ, ଲାଇଭ୍ ଲୁମ୍ ପ୍ରଦର୍ଶନ ଏବଂ ଖାଦ୍ୟ କାଉଂଟର ବ୍ୟବସ୍ଥା ରହିବ। ବିଳମ୍ବିତ ରାତିରେ ପରିଦର୍ଶକମାନଙ୍କ ପାଇଁ ଏକ ଜୀବନ୍ତ ଓ ଆକର୍ଷଣୀୟ ପରିବେଶ ସୃଷ୍ଟି ସହ ସପିଂ ଅନୁଭବକୁ ବୃଦ୍ଧି କରିବା ଲକ୍ଷ୍ୟରେ ଏହି ଆୟୋଜନ ବୟନିକା ପକ୍ଷରୁ ଗ୍ରହଣ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନିକାର ସଭାପତି ପ୍ରକାଶ ଚନ୍ଦ୍ର ମେହେର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ, ବୟନିକାର ସାଧାରଣ ପ୍ରବନ୍ଧକ ତଥା ସମ୍ପାଦକ ସୁଷମା ବାରିକ, ବୟନିକାର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ପୃଷ୍ଠପୋଷକ ଓ ଗ୍ରାହକମାନେ ଆଗେଇ ଆସି ଖଣ୍ଡିଏ ଖଣ୍ଡିଏ ହସ୍ତତନ୍ତ ସାମଗ୍ରୀ କିଣି ନେଇ ଓଡ଼ିଶାର ଏହି ସମୃଦ୍ଧ ପରମ୍ପରାକୁ ଆଗେଇ ନେବାକୁ ମନ୍ତ୍ରୀ ନିବେଦନ କରିଛନ୍ତି।

# ରିଜର୍ଭ ବ୍ୟାଙ୍କ ତରଫରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୯।୩ (ମହାଭାରତ):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱର ପକ୍ଷରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁରୁବାର ଏକ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରବିଆଇ ମହାପ୍ରବନ୍ଧକ ଅନିତା ପଟ୍ଟନାୟକ; ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ;, ଏସଏଲବିସି ଓଡ଼ିଶାର ଆବାହକ ତଥା ମହାପ୍ରବନ୍ଧକ ଗୌତମ ପାତ୍ର; ଏସବିଆଇ ଡିଜିଏମ ସନ୍ଦୀପ କୁମାର ଚୌବେ; ୟୁବିଆଇ ଏଜିଏମ ବଂଶୀଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।




ଏହାପରେ ଜିଏମ୍ ଆରବିଆଇ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟ ଭାଷଣ ଦେଇଥିଲେ। ନିଜ ଅଭିଭାଷଣରେ ସେ ଉଦ୍ଦେଶ୍ୟରେ ରିଜର୍ଭ ବ୍ୟାଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଆର୍ଥିକ ସାକ୍ଷରତା ପାଇଁ ଆରବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସେ ଅଂଶଗ୍ରହଣକାରୀମାନଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ପ୍ରକାର ସାଇବର ଠକେଇ ରୋକିବା ପାଇଁ ଆର୍ଥିକ ସଚେତନତା ଓ ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଆର୍ଥିକ ସଚେତନତାର ଆବଶ୍ୟକତା ଉପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ସମେତ ଅନ୍ୟ ଅତିଥିମାନେ ମଧ୍ୟ ଜୋର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, କୃଷକ, ଉଦ୍ୟୋଗୀ ଓ ବରିଷ୍ଠ ନାଗରିକ ଙ୍କ ଭଳି ବିଭିନ୍ନ ବର୍ଗର ପ୍ରାୟ ୪୫୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଭାରତୀୟ ରିଜର୍ଭ ବ୍ୟାଙ୍କର ତିନୋଟି ବିଭାଗ ଯଥା ଏଫଆଇଡିଡି, ଡିଓଏସ୍ ଓ ଆଇବିଡିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିଜର୍ଭ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକ ଯୋଜନା, ସଞ୍ଚୟ ଏବଂ ଦାୟିତ୍ୱପୂର୍ଣ୍ଣ ଋଣ ନେବା, ନିବେଶ, ବୀମା ସମେତ ସାମାଜିକ ସୁରକ୍ଷା ଯୋଜନା ଏବଂ ପେନସନ, ଶିକ୍ଷା ଋଣ ପାଇଁ ବିଦ୍ୟା ଲକ୍ଷ୍ମୀ ପୋର୍ଟାଲ ଆଦି ଉପରେ ଆୟୋଜିତ ଅଧିବେଶନରେ ସେମାନଙ୍କର ମତ ରଖିଥିଲେ । ଅଂଶଗ୍ରହଣକାରୀଙ୍କୁ ନକଲି ନୋଟ୍ ଚିହ୍ନଟ, ବ୍ୟାଙ୍କ ଦ୍ୱାରା ନୋଟ୍ ବିନିମୟ ସୁବିଧା ଏବଂ ମୁଦ୍ରା ଗୁଡିକର ଲିଗାଲ ଟେଂଡର ସମ୍ପର୍କରେ ଅବଗତ କରାଯାଇଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରକାର ଠକେଇ ସମେତ ବାସ୍ତବ ଜୀବନର ଉଦାହରଣ ଦେଇ ସାଇବର ଠକେଇ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଫୋନ୍ ମାଧ୍ୟମରେ କୌଣସି ବି ବ୍ୟକ୍ତି ସହିତ ସମ୍ବେଦନଶୀଳ ଆର୍ଥିକ ତଥ୍ୟ ସେୟାର ନକରିବାକୁ ଅଂଶଗ୍ରହଣକାରୀ ମାନଙ୍କୁ ସଚେତନ କରାଯାଇଥିଲା।

# ଏପ୍ରିଲ ୧୦ରେ ଆଜାଦ୍ ହିନ୍ଦ ବାହିନୀର ଦିଲ୍ଲୀ ଚଲୋ ଅଭିଯାନ

**ଭୁବନେଶ୍ୱର, ୨୯।୩ (ମହାଭାରତ):** କେନ୍ଦ୍ର ସରକାରଙ୍କର ଓଡ଼ିଶା ପ୍ରତି ଚରମ ଅବହେଳା ପ୍ରତିବାଦରେ ଏବଂ ଓଡ଼ିଶାରେ ଥିବା ଇଷ୍ଟ୍ କୋଷ୍ଟ୍ ରେଳପଥ ଜୋନ'କୁ ବିକଳାଙ୍ଗ କରି ଏହା ଅଧୀନରେ ଥିବା ୱାଲ୍ଟିଅର ରେଳ ଡିଭିଜନକୁ ଭାଙ୍ଗି ବିଶାଖପାଟଣା ସମେତ ଏହାର ପ୍ରମୁଖ ଲାଭଦାୟକ ଅଂଚଳକୁ କାଢି ନିଆଯାଇ ଆନ୍ଧ୍ର ପ୍ରଦେଶ ପାଇଁ ନୂତନ ଭାବେ ଗଠନ ହେଉଥିବା ସାଉଥ କୋଷ୍ଟ୍ ରେଳପଥ ଜୋନ' ଅଧିନକୁ ଟେକି ଦିଆଯାଉଛି। ଯାହା ଫଳରେ ଇଷ୍ଟ୍ କୋଷ୍ଟ୍ ରେଳପଥ ଦୁର୍ବଳ ହେବା ସହ ଓଡିଶାର ପ୍ରଭୂତ ରାଜସ୍ୱ କ୍ଷତି ହେବ। ଆନ୍ଧ୍ର ତା'ର ରାଜନୈତିକ ପ୍ରଭାବ ବିସ୍ତାର କରି ଯଦି ତା'ର ତେଲଗୁ ରେଳ ଅଂଚଳକୁ ଏକାଠି କରି ଏକ ନୂଆ। ଜୋନ ଗିବାକୁ ପ୍ରୟାସ ଚଳାଇଛି କେବଳ ନୁହେଁ ବରଂ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ନବ ଗଠିତ ରାୟଗଡ଼ା ଡ଼ିଭିଜନକୁ ମଧ୍ୟ ସାଉଥ୍ କୋଷ୍ଟ୍ ରେଳ ଜୋନ୍‌ରେ ମିଶ୍ରଣ ପାଇଁ ଦାବି ଉଠାଇଲେଣି। ଏଭଳି ଅବସ୍ଥାରେ ଓଡ଼ିଶାବାସୀ ଆମ ଓଡ଼ିଶା ସୀମା ମଧ୍ୟରେ ଥିବା ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୁରଭଞ୍ଜ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ଥିବା ଖଣିଜ ସମ୍ପଦ ଭରା ପ୍ରମୁଖ ରେଳ ଅଂଚଳଗୁଡ଼ିକ ଯାହା ଅନ୍ୟ ରାଜ୍ୟରେ ଥିବା ରେଳ ଜୋନ ଅଧିନରେ ରହିଛି ସେଗୁଡିକୁ ଏକାଠି କରି ଓଡ଼ିଶାରେ ଅବସ୍ଥିତ ଇଷ୍ଟ୍ କୋଷ୍ଟ୍ ରେଳପଥ ଜୋନରେ ସାମିଲ କରାଯିବା ପାଇଁ ଦାବି କରାଯିବା ଆବଶ୍ୟକୟ ରାଉରକେଲା, ରାଜଗାଙ୍ଗପୁର, ଝାରସୁଗୁଡ଼ା, ଇବ୍, ବ୍ରଜରାଜନଗର ଓ ବାଲେଶ୍ୱର ପରି ପ୍ରାକୃତିକ ସମ୍ପଦରେ ସମୃଦ୍ଧଶାଳୀ ଓ ରେଳପଥର ଟ୍ରାନ୍ସପୋର୍ଟେସନ ହବ୍ ଭାବେ ପରିଚିତ ଅଂଚଳଗୁଡିକୁ ଇଷ୍ଟ୍ କୋଷ୍ଟ୍ ରେଳପଥରେ ସାମିଲ କରାଯାଇ ପାରିଲେ ଇଷ୍ଟ୍ କୋଷ୍ଟ୍ ରେଳପଥ ସହ ଓଡିଶାର ହେଉଥିବା କ୍ଷତି ଭରଣା ହୋଇପାରିବ। ଓଡିଶାର ଏହି ପ୍ରମୁଖ ରେଳ ଅଂଚଳକୁ ମିଶାଇ ଓଡ଼ିଶାର ଉତ୍ତର-ପଶ୍ଚିମାଞ୍ଚଳରେ ଏକ ନୂଆ। ରେଳ ଡିଭିଜନ ପ୍ରତିଷ୍ଠା ସହ ଓଡ଼ିଶା ସୀମା ମଧ୍ୟରେ ଥିବା ମସସ୍ତ ରେଳପଥ ଅଚଂଳକୁ ଇଷ୍ଟ୍ କୋଷ୍ଟ୍ ରେଳପଥ ଜୋନରେ ସାମିଲ କରିବା। ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀରେ ନିର୍ମାଣ ହେଉଥିବା ପୋଲାଭରମ ଡ୍ୟାମ' ର ଉଚ୍ଚତା ବୃଦ୍ଧି ଫଳରେ ଓଡ଼ିଶାର ମାଲକାନଗିରି ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡ଼ିଯିବ, ଲକ୍ଷ ଲକ୍ଷ ମାଲକାନଗିରି ଜିଲ୍ଲା ତଥା ଓଡ଼ିଶା ମାଟିର ମଣିଷମାନେ ବାସଚ୍ୟୁତ ହେବେୟ ପୋଲାଭରମ ପ୍ରକଳ୍ପର ଉଚ୍ଚତା ହ୍ରାସ ସହ ମାଲକାନଗିରି ଜିଲ୍ଲାବାସୀଙ୍କୁ ବାସଚ୍ୟୁତ ହେବାରୁ ରକ୍ଷା କରିବା। ଓଡ଼ିଶାର ଜୀବନରେଖା ମହାନଦୀ ଉପରେ ଛତିଶଗଡ଼ ରାଜ୍ୟ କର୍ତ୍ତୃତ୍ୱ ବିସ୍ତାର ସ୍ୱରୂପ ଅନେକ ବେଆଇନ ଡ୍ୟାମ ନିର୍ମାଣ ଫଳରେ, ଓଡ଼ିଶାରେ ମହାନଦୀ ଅବବାହିକାରେ ଖରାଦିନେ ଜଳାଭାବର ସମସ୍ୟା ଉତ୍କଟ ରୂପ ନେବାରେ ଲାଗିଛିୟ ବର୍ଷାଦିନେ ମଧ୍ୟ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକ ଶୁଖିଲା ପଡୁଛି। ଫଳରେ ମହାନଦୀ ଅବବାହିକାରେ ବସବାସ କରୁଥିବା ଜନଗଣ ଜଳ ନିମନ୍ତେ ଅକଥନୀୟ ଦୁର୍ଦ୍ଦଶା ଭୋଗିବା ଆରମ୍ଭ ହୋଇଗଲାଣି, ଯାହା ଆଗକୁ ଆହୁରି ଉତ୍କଟ ରୂପ ଧାରଣ କରିବୟ ବର୍ଷ ସାରା ଓଡ଼ିଶାରେ ମହାନଦୀର ଜଳପ୍ରବାହକୁ ସ୍ୱାଭାବିକ କରିବା ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା।

# ବିରୋଧୀ ମେ□ରେ ବିଜେଡ଼ି

କେନ୍ଦ୍ରରେ ଏନଡିଏ ସରକାରଙ୍କୁ ବିଜେଡି ଗତ ୧୦ ବର୍ଷ ହେବ ସମର୍ଥନ ଦେଇ ଆସୁଥିଲା। ଗତ ବର୍ଷ ନିର୍ବାଚନରେ ବିଜେଡି ଓଡ଼ିଶାରେ ବିଜେପି ସହ ଆସନ ବୁଝାମଣା କରିବାକୁ ପ୍ରୟାସ କରୁଥିଲା। କିନ୍ତୁ ବିଜେପି ରାଜ୍ୟନେତାମାନେ ଏହାକୁ ବିରୋଧ କରିଥିଲେ ଏବଂ ବିଜେଡି ସହ ବୁଝାମଣା ନକରି ମୁକାବିଲା ନିମନ୍ତେ ଅଣ୍ଟା ଭିଡ଼ିଥିଲେ। ଏହା ସଫଳ ବି ହେଲା। ନିର୍ବାଚନରେ ପରାଜିତ ହୋଇ ବିଜେଡି କ୍ଷମତାଚ୍ୟୁତ ହେବା ପରେ ଦୁଇ ଦଳ ମଧ୍ୟରେ ସମ୍ପର୍କରେ ତିକ୍ତତା ପରିଲକ୍ଷିତ ହୋଇଛି। ଏବେ ବିଜେପି କ୍ଷମତାସୀନ ଦଳ ହୋଇଥିବା ବେଳେ ବିଜେଡି ମୁଖ୍ୟ ବିରୋଧୀ ଦଳ। ତେଣୁ ଉଭୟ ଦଳ ମଧ୍ୟରେ ସମ୍ପର୍କ ଦିନକୁ ଦିନ ତିକ୍ତ ହେବାରେ ଲାଗିଛି। ଏଥିରେ କିଛି ଅସ୍ୱାଭାବିକତା ନାହିଁ। ଇତିମଧ୍ୟରେ ବିଜେଡିର ରାଜନୈତିକ ଆଭିମୁଖ୍ୟରେ ମଧ୍ୟ ପରିବ୍ର୍ତନ ଲକ୍ଷ୍ୟ କରାଯାଉଛି। ଦୀର୍ଘ ୧୫ ବର୍ଷ ହେବ ବିଜେଡି ଉଭୟ ବିଜେପି ଏବଂ କଂଗ୍ରେସଠାରୁ ସମଦୂରତା ନୀତି ଆପଣାଇଆସୁଛି। କିନ୍ତୁ ଏବେ ବିଜେଡି କଂଗ୍ରେସ ଆଡ଼କୁ ଢଳୁଥିବା ଲକ୍ଷ୍ୟ କରାଯାଉଛି। ବିଧାନସଭା ଭିତରେ ଓ ବାହାରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି କଂଗ୍ରେସକୁ ସମର୍ଥନ କରୁଛି। କିଛି ଦିନ ତଳେ ବିଜେଡିର ଜଣେ ପୂର୍ବତନ ମନ୍ତ୍ରୀ ଏକ ସଭାରେ କହିଥିଲେ ଯେ, ବିଜେଡି ଶୀଘ୍ର ରାଜ୍ୟରେ କ୍ଷମତାକୁ ଫେରିବ। ଏଥିରେ କଂଗ୍ରେସ ସହାୟତା ଏବଂ ସମର୍ଥନ କରିବାକୁ ଯାଉଛି ବୋଲି ସେ କହିଥିଲେ। ଏଥିରୁ ସ୍ପଷ୍ଟ ଯେ, କଂଗ୍ରେସକୁ ଏବେ ବିଜେଡି ଆଉ ପ୍ରତିଦ୍ୱନ୍ଦ୍ୱି ନୁହେଁ, ବନ୍ଧୁ ଦଳ ଭାବେ ବିବେଚନା କରୁଛି। ଏକଦା କଂଗ୍ରେସକୁ ପରାଜିତ କରିବା ପାଇଁ ବିଜେଡି ଜନ୍ମ ନେଇଥିଲା। ବିଜେପି ସହ ମେଣ୍ଟ କରିଥିଲା। ଗତ ୨୪ ବର୍ଷ ଭିତରେ କଂଗ୍ରେସର ବହୁ ରାଜ୍ୟ ସ୍ତରୀୟ ନେତା ଏବଂ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ରାଜ୍ୟରେ କଂଗ୍ରେସକୁ ତଳିତଳାନ୍ତ କରିବାରେ ବିଜେଡିର ମୁଖ୍ୟ ଭୂମିକା ରହିଛି। କିନ୍ତୁ ସେହି ବିଜେଡି ଏବେ କଂଗ୍ରେସ ସହ ହାତ ମିଳାଇଛି। ଏହା ହେଉଛି ଭାରତୀୟ ରାଜନୀତି। ଶନିବାର ଚେନ୍ନାଇରେ ବିଭିନ୍ନ ବିରୋଧୀ ଦଳର ନେତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନଙ୍କ ଦ୍ୱାରା ଆହୂତ ଏହି ବୈଠକରେ ବିଜେଡିର ଦୁଇ ଜଣ ନେତା ଦଳର ପ୍ରତିନିଧି ଭାବେ ସାମିଲ ହୋଇଛନ୍ତି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ଏହି ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଯୋଗ ଦେଇଛନ୍ତି। ଅର୍ଥାତ ଏକ ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ବିଜେପି ବିରୋଧରେ ବିଜେଡି ଓ କଂଗ୍ରେସ ଗୋଟିଏ ମଞ୍ଚରେ ଏକାଠି ହୋଇଛନ୍ତି। ଏଥିରୁ ସ୍ପଷ୍ଟ ସଙ୍କେତ ମିଳୁଛି ଯେ, ଓଡ଼ିଶା ରାଜନୀତିରେ ନୂଆ ସମୀକରଣ ପାଇଁ ବାଟ ଫିଟୁଛି। ଏହା କେତେଦୂର ଫଳବତୀ ବା ସଫଳ ହେବ, ବାସ୍ତବରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମେଣ୍ଟ ହେବ କି ନାହିଁ, ବିଜେଡି ନେତାମାନେ ଏହାକୁ କେତେଦୂର ଗ୍ରହଣ କରିବେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। କିନ୍ତୁ ଏବେ ବିଜେଡିର ସମର୍ଥନ ଏବଂ ସହଯୋଗ ବଳରେ କଂଗ୍ରେସ ରାଜ୍ୟରେ ପୁନର୍ଜୀବିତ ହୋଇଛି, ସେଥିରେ ସନ୍ଦେହ ନାହିଁ। ଆଗକୁ ଆହୁରି ଅନେକ ପ୍ରସଙ୍ଗ ଆସିବ। ସବୁ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସହମତି ପ୍ରକାଶ ପାଇବ କି ନାହିଁ ଆକଳନ କରାଯାଇପାରିବନି। କିନ୍ତୁ ବିଜେଡି ଓ କଂଗ୍ରେସ ରାଜ୍ୟରେ ଦୁଇଟି ସମାନ୍ତରାଳ ରାଜନୈତିକ ଶକ୍ତି। ଦୁଇଟି ସମାନ୍ତରାଳ ରେଖା କଦାପି ପରସ୍ପର ସହ ଏକାଠି ହୋଇପାରିବେ ନାହିଁ।

# ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ସମସ୍ୟା

**॥ ଡାକ୍ତର ସମ୍ରାଟ କର ॥**

> “ *ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି।*

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରବଳବର୍ଷା, ଭୂସ୍ଖଳନ, ଘୂର୍ଣ୍ଣିବଳୟ, ମରୁଡ଼ି ଇତ୍ୟାଦି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଗତ କିଛି ଦଶନ୍ଧି ମଧରେ ବିଶ୍ୱସ୍ତରରେ ଜଳବାୟୁ ଦ୍ୱାରା ସୃଷ୍ଟି ହେଉଥିବା ବିପର୍ଯ୍ୟୟ ମାନବ ଜୀବନ ଓ ଏହାର ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଉତ୍ତରପ୍ରଦେଶ, ତାମିଲନାଡୁ, ବିହାର, ଆସାମ, ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଦେଖା ଦେଉଥିବା ବନ୍ୟା ସ୍ଥିତି ହେଉଛି ଜଳବାୟୁ ପରିବର୍ତ୍ତନର କାରଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍ଓ ଅନୁସାରେ ୨୦୩୦ ଓ ୨୦୫୦ ମଧରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ କୁ ପୋଷଣ, ମ୍ୟାଲେରିଆ, ଡାଇରିଆ, ଲୁ ଆଦି ଯୋଗୁଁ ବର୍ଷକୁ ଅଢ଼େଇ ଲକ୍ଷ ଲୋକଙ୍କ ଅକାଳ ବିୟୋଗ ଘଟିବ। ବିଶେଷକରି ଯୁବପିଢ଼ି ଓ ବରିଷ୍ଠ ନାଗରିକ ଏଭଳି ଏକ ଦୁଷ୍ପରିଣାମ ସାମ୍ନା କରିବେ।

ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ବାୟୁ ମଣ୍ଡଳରେ ଉତ୍ତାପ ବୃଦ୍ଧି ଯୋଗୁଁ ଲୋକେ ନୂଆ ନୂଆ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଯାହାର ନିରାକରଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ତିଆରି ହୋଇନାହିଁ। ମୁଖ୍ୟତଃ ଏହାଦ୍ୱାରା ସଂକ୍ରାମକ ରୋଗ ବୃଦ୍ଧି ପାଉଛି। ଯଦି ତାପମାତ୍ରା ବୃଦ୍ଧି ନିୟନ୍ତ୍ରିତ ନ ହୁଏ, ତେବେ ଆଗାମୀ ଦିନରେ ଅର୍ଥାତ ୧୦-୨୦ ବର୍ଷ ମଧରେ ଭୟଙ୍କର ବିନାଶ ମଧ ଘଟିପାରେ। ସେହିପରି ଶରୀରର ଟିସୁ ଭାବେ କାମ କରିବ ନାହିଁ। ମୁଖ୍ୟତଃ ଶୀତରେ ଅତ୍ୟଧିକ ଗରମ ହେଉଥିବାରୁ ମଶା ସଂଖ୍ୟା ବୃଦ୍ଧି ପାଉଛି। ଫଳରେ ଲୋକେ ମ୍ୟାଲେରିଆ, ଡେଙ୍ଗୁ, ଜିକା ଭାଇରସ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବଡ଼ କଥା ହେଉଛି କ୍ୟାନସର ଆଶଙ୍କା ମଧ ବଢ଼ିବ। କ୍ୟାନସର ଭଳି ମାରାତ୍ମକ ରୋଗ ପାଇଁ ଜଳବାୟୁ ପରିବର୍ତ୍ତନର ମଧ ଅନ୍ୟତମ କାରଣ। ନାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଏନଭରମେଣ୍ଟାଲ ହେଲଥ ସାଇନ୍ସରେ ଏ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି।

ଅତ୍ୟଧିକ ଗରମ କାରଣରୁ ରସାୟନ କଣିକା ପବନରେ ରହିଥାଏ। ଯଦ୍ୱାରା ଶ୍ୱାସକ୍ରିୟା ସମୟରେ ଏହି କଣିକା ଶରୀରକୁ ଯାଇ ଫୁସ୍‌ଫୁସ୍‌କୁ ପ୍ରଭାବିତ କରିଥାଏ। ସେହିପରି ବାୟୁ ପ୍ରଦୂଷଣର ପ୍ରଭାବ ମଧ କ୍ୟାନସରର ଅନ୍ୟତମ କାରଣ। ଅତ୍ୟଧିକ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛେଦ ସୃଷ୍ଟି ହୁଏ। ଫଳରେ ଅତିବାଇଗଣୀ ରଶ୍ମୀ ଚର୍ମକୁ କର୍କଟର କାରଣ ହୋଇଥାଏ। ସେହିପରି ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ିବ। ଅନ୍ୟପଟେ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇଲେ ବାୟୁ ପ୍ରଦୂଷଣ ବଢ଼ିବ। ଏହାଦ୍ୱାରା ଶ୍ୱାସକ୍ରିୟାରେ ସମସ୍ୟା ଉପୁଜିବ। ତା ସହ ଫୁସ୍‌ଫୁସ୍ ସମ୍ବନ୍ଧୀୟ ସମସ୍ୟା ମଧ ଦେଖାଦେବ। କେବଳ ଏତିକି ନୁହେଁ ଶ୍ୱାସ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇବ। ଏଭଳି ହୃଦ୍‌ଘାତ, ଜଳ ଶୁଷ୍କତା ଓ ଚିଡ଼୍‌ଚିଡ଼ାପଣ ଆଦି ସମସ୍ୟା ଦେଖାଦେବ। ଅନ୍ୟପଟେ ତମାମ ସମସ୍ୟା ପିଲାଙ୍କ ମସ୍ତିଷ୍କ ବିକାଶ ଉପରେ ପ୍ରଭାବ ପକାଇବ।

ଅନେକ ହୁଏତ ଜାଣିନଥାନ୍ତି ଏ ନେଇ ଜଳଜାତ ରୋଗ ସୃଷ୍ଟି ହେବ। ପରିବେଶର ବାତାବରଣ ଅନୁସାରେ ମଣିଷ ନିଜକୁ ଖାପଖୁଆଇ ଚଳିଲେ ସୁଦ୍ଧା ଜଳବାୟୁ ପରିବର୍ତ୍ତନର ପ୍ରଭାବ ଶରୀର ଉପରେ ପଡୁଛି। ସେହିପରି ସ୍ୱାସ୍ଥ୍ୟ ଲାଗି ଜରୁରୀ ସ୍ୱଚ୍ଛ ତଥା ବିଶୁଦ୍ଧ ଜଳ। ସମୁଦ୍ର ସ୍ତର ବୃଦ୍ଧି ହେଲେ ବିଶୁଦ୍ଧ ଜଳ ସଙ୍କଟ ଦେଖାଦେବ। ଯଦ୍ୱାରା ଦୂଷିତ ଜଳରୁ ଉତ୍ପନ୍ନ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହେବ। ଏମିତି ବି ହୋଇପାରେ ଏହିସବୁ ରୋଗ ମହାମାରୀର ରୂପ ନେଇପାରନ୍ତି। ବଡ଼ କଥା ହେଉଛି ମାନସିକ ରୋଗ ବଢ଼ିବାର ମଧ ସମ୍ଭାବନା ରହିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦେଖା ଦେଉଥିବା ରୋଗ ମଧରେ ସବୁଠାରୁ ଆଗରେ ଅଛି ମାନସିକ ରୋଗ। ଏହା ସହ ପିଲାମାନେ ମଧ ଜଳବାୟୁ ପରିବର୍ତ୍ତନର ଶିକାର ହେଉଛନ୍ତି।

ମନୋବିଜ୍ଞାନୀଙ୍କ ଅନୁସାରେ, ଛୋଟ ପିଲାଙ୍କ ଠାରେ ଚିନ୍ତା, ଅବସାଦ, ଦୁଃଖ ଆଦି ସମସ୍ୟା ଦେଖିବାକୁ ମିଳୁଛି। ସେହିପରି ପିଲାଙ୍କ ଠାରେ ଦେଖା ଦେଉଥିବା ଏଭଳି ସମସ୍ୟାକୁ ମନୋବିଜ୍ଞାନୀ ଇକୋ ଆନଜାଇଟିଂ ବୋଲି କହିଥାନ୍ତି। ଏବେ ପୃଥିବୀ ବସବାସ କରିବା ଯୋଗୁଁ ନୁହେଁ ବୋଲି ସେମାନେ ଭାବୁଛନ୍ତି। ଆଉ ଏ କଥା ସେମାନଙ୍କ ମନରେ ବସା ବାନ୍ଧି ଗଲାଣି। ଯେତେବେଳେ ସେମାନେ ବଡ଼ ହେବେ, ସେତେବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ପୃଥିବୀ ଧ୍ୱଂସ ହୋଇଯିବ। ଅନ୍ୟପଟେ ପିଲାଙ୍କ ବ୍ୟବହାରରେ ଆସୁଥିବା ପରିବର୍ତ୍ତନ ପାଇଁ ଅନେକାଂଶରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରହିଛି। ତେବେ ଦୁଃଖର ବିଷୟ ହେଉଛି କେବଳ ବଡ଼ ଲୋକ ନୁହଁନ୍ତି ବରଂ ଛୋଟ ଛୋଟ ପିଲାମାନେ ମଧ ମାନସିକ ରୋଗର ଶିକାର ହେଉଛନ୍ତି। ହଠାତ୍ କୌଣସି ବିଷୟକୁ ନେଇ ରାଗିଯିବା, ଚିଡ଼ି ଯିବା, ହତାଶ ହେବା, ଦୁଃଖ କରିବା ଆଦି ଲକ୍ଷଣ ସେମାନଙ୍କ ଠାରେ ଦେଖାଦେଉଛି। ଯାହାକି ମାନସିକ ରୋଗକୁ ହିଁ ଇଙ୍ଗିତ କରୁଛି। ପୁଣି ପ୍ରଦୂଷିତ ସହରରେ ପିଲାଙ୍କ ଠାରେ ଅବସାଦ ଓ ମାନସିକ ରୋଗ ବୃଦ୍ଧି ପାଉଛି।

ଏଣିକି ଲୋକେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରୀଡ଼ିତ ହେବେ। ଅର୍ଥାତ୍ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ପ୍ରକୃତି ଉପରେ ନୁହେଁ ବରଂ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ ପଡୁଛି। ସମ୍ପ୍ରତି ଏହା ଏକ ନୂଆ ରୋଗ ଭାବେ ଉଭା ହୋଇଛି। ଏପରିକି ପାଖାପାଖି ଏହାଦ୍ୱାରା ସବୁ ଦେଶ ମଧ ପ୍ରଭାବିତ ହେଲେଣି। ଏହି କ୍ରମରେ ନିକଟରେ କାନାଡ଼ାରେଜଣେ ୭୦ ବର୍ଷୀୟା ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ ହୋଇଛନ୍ତି। ତା ସହ ଏହା ହେଉଛି ବିଶ୍ୱର ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଥମ ମାମଲା। କାନାଡାର ବ୍ରିଟିଶ କଲମ୍ବିଆର ଜଣେ ମହିଳା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପୀଡ଼ିତ। ଅବଶ୍ୟ ମହିଳାଙ୍କ ନାଁ ଏବେ ସାମ୍ନାକୁ ଆସିନାହିଁ। ସମ୍ପୃକ୍ତ ମହିଳାଙ୍କର ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଥିବା ନେଇ କାନାଡ଼ାର କୁଟନି ଲେକ ହସ୍ପିଟାଲର ଡାକ୍ତର କାଇଲ ମେରିଟ୍‌ଙ୍କ ପାଖକୁ ଚିକିତ୍ସିତ ହେବାକୁ ଆସିଥିଲେ। କାଇଲ ତାଙ୍କର ଚିକିତ୍ସା କରିବା ପରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିବା କହିଥିଲେ। ସାଧାରଣତଃ କାନାଡାକୁ ସବୁଠୁ ଥଣ୍ଡା ଦେଶ ବୋଲି କୁହାଯାଏ। ଏଠାରେ ତୁଷାରପାତ ହେବା ସହ ତାପମାତ୍ରା ମାଇନସ ଡିଗ୍ରୀକୁ ଚାଲିଯାଏ। ମାତ୍ର ଏଥର ଜୁନ-ଜୁଲାଇରେ ଦେଖା ଦେଇଥିବା ହିଟ୍ ୱେଭ ଯୋଗୁଁ କାନାଡା ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଛି। ହିଟ୍ ୱେଭ ଯୋଗୁଁ କାନାଡାର ତାପମାତ୍ରା ଥିଲା ୪୯.୬ ଡିଗ୍ରୀ ସେଲସିୟସ। ଯାହାକି କାନାଡ଼ା ଇତିହାସରେ ସର୍ବାଧିକ ତାପମାତ୍ରା। ହିଟୱେଭ ଯୋଗୁଁ ଜଙ୍ଗଲରେ ନିଆଁ ଲାଗିବା ଓ ଧୂଆଁ ଯୋଗୁଁ ପବନର ଗୁଣବତ୍ତା ମଧ ଖରାପ ହେଲା। ଯେଉଁଥି ପାଇଁ ମହିଳାଙ୍କ ଠାରେ ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି ଓ ସେ ଏବେ ସୁଦ୍ଧା ଏଥିରୁ କାନାଡାରେ ୫୦୦ ଜଣ ପ୍ରାଣ ହରାଇଛନ୍ତି।

ଯଦିଓ ମହିଳା ଜଣକ ହାଇଡ୍ରେଟ ରହିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ଲୁ' ତାଙ୍କ ଶରୀରକୁ ଅତ୍ୟଧିକ ମାତ୍ରାରେ ପ୍ରଭାବିତ କରିଛି। ସେହିପରି ଜଳବାୟୁ ପରିବର୍ତ୍ତନର ପ୍ରଭାବ ସ୍ୱାସ୍ଥ୍ୟ ଉପରେ କିଭଳି ପ୍ରଭାବ ପକାଇବ ତାହା ମଧ ଏଥିରୁ ବିଶେଷଜ୍ଞମାନେ ସ୍ପଷ୍ଟ ଭାବେ ବୁଝିପାରୁଥିବା ସେ କହିଛନ୍ତି। ଆଗାମୀ ଦିନରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକମାନେ ଘରଛାଡ଼ି ପଳାୟନ କରିବାକୁ ବାଧ୍ୟ ହେବେ। ବିଶେଷଜ୍ଞଙ୍କ ଅନୁସାରେ ୨୦୫୦ ସୁଦ୍ଧା ପ୍ରାୟ ୨୦ କୋଟି ଲୋକ ଏହା ଯୋଗୁଁ ନିଜ ଭିଟାମାଟି ଛାଡ଼ିବେ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ‘ଇ-ଆବର୍ଜନାର ସଂକଟ’

**॥ ବିପିନ ବିହାରୀ ରାଉତ ॥**

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ୍ୟ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ-ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି ।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତାର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ-ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ-ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୧୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୧୨ରେ ଚୀନ ସବୁଠାରୁ ଅଧିକ ଇ-ଆବର୍ଜନା ସୃଷ୍ଟି କରିଥିଲା । ତାର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି ।

ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ-ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ-ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ । ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ-ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ-ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ-ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ-ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ବିଜ୍ଞାନର ଦ୍ରୁତ ବିକାଶ ଫଳରେ ମଣିଷ ହାତମୁଠାରେ ସବୁକିଛି ପାଇଯାଉଛି ଭାବନା ରଖି ଦିନକୁ ଦିନ ଜନସଂଖ୍ୟାର ବୃଦ୍ଧି, ଜଙ୍ଗଲ ସମ୍ପଦର କ୍ଷୟ, କୀଟନାଶକର ପ୍ରୟୋଗ ଓ ବ୍ୟାପକ ଯାନବାହାନ ଚଳାଚଳ ପାଇଁ ପରିବେଶକୁ ପ୍ରଦୂଷିତ କରିବା ସହ ଇ-ଆବର୍ଜନାର ସଙ୍କଟକୁ ବଢ଼ାଉଛି ମଧ ତେଣୁ ଆଜି ଏହି ଦିବସରେ ଆମେ ସମସ୍ତେ ସଚେତନ ହେବାପାଇଁ ନିଜ ଦାୟିତ୍ୱକୁ ନିର୍ବାହ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଅତ୍ୟନ୍ତ ଜରୁରୀ।

**ଶ୍ରୀବିହାର କଲୋନୀ, କଟକ, ଦୂରଭାଷ : ୯୪୩୭୬୬୬୪୫୩**

# ଶିଳ୍ପ ଦୁର୍ଘଟଣା କାହିଁକି ?

**॥ ଡ଼ଃ.ଅରୁନ୍ଧତୀ ଦେବୀ ॥**

ନିକଟରେ ଉତ୍ତରାଖଣ୍ଡରେ ଭୟାବହ ଟନେଲ ବିପତ୍ତି ଦେଖାଦେଇଥିଲା। ସେହିପରି ଦୁଇବର୍ଷ ତଳେ ଓଡ଼ିଶାର ଭୂଷଣ କାରଖାନାରେ ସଂଗଠିତ ଅଭାବନୀୟ ଶିଳ୍ପ ଦୁର୍ଘଟଣା ରାଜ୍ୟର ଶିଳ୍ପନିରାପତ୍ତା ଆଇନ ଓ ତଦ୍‌ଜନିତ ପରିପାର୍ଶ୍ୱିକ ଘଟଣା ଉପରେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଟିଏ ରାଜ୍ୟର ପ୍ରଗତିର ଶିଳ୍ପାୟନର ସ୍ଥାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ବିଗତ ଦଶବର୍ଷର ରେକର୍ଡ଼୍‌କୁ ଦେଖିଲେ ଜଣାଯାଏ ଯେ ଶିଳ୍ପଦୁର୍ଘଟଣା ଦିନକୁ ଦିନ ଉଦ୍‌ବେଗଜନକ ଭାବେ ଘଟି ଚାଲୁଛି । କମ୍ପାନୀର ବ୍ୟାପକ କ୍ଷତି ହେବା ସହ ନିରୀହ ଖଟିଖିଆ ଲୋକଗୁଡ଼ିକଙ୍କ ଜୀବନ ଦୀପ ଅକାଳରେ ଝଡ଼ିପଡୁଛି । ତେବେ ଶିଳ୍ପ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା କଲାବେଳେ ବିଭିନ୍ନ ପ୍ରଶ୍ନ ସ୍ୱଭାବିକ ଭାବେ ଉଠୁଛି । ପ୍ରାୟତଃ ଦେଖାଯାଇଥାଏ ବଜାରର ମଜୁରୀ ଠାରୁ ଯଥେଷ୍ଟ କମ୍‌ରେ ଶ୍ରମଶକ୍ତି ମିଳିଯାଉଥିବାରୁ ସେମାନଙ୍କୁ କୌଣସି ପ୍ରକାର ବୈଷୟିକ ଶିକ୍ଷା ଦିଆନଯାଇ ସିଧାସଳଖ ଶିଳ୍ପ କ୍ଷେତ୍ରର ତତଲା ସ୍ଥାନକୁ ପଠେଇ ଦିଆଯାଉଛି । ଏ ନେଇ ସଚେତନତା ବି ସେପରି ସୃଷ୍ଟି ହୋଇନାହିଁ । କେବଳ ଭୂଷଣ ନୁହେଁ ଓଡ଼ିଶାରେ ମଧ କ୍ରମାଗତ ଭାବରେ ଭୟାନକ ଶିଳ୍ପ ଦୁର୍ଘଟଣା ଛୋଟ ହେଉ ବା ବଡ଼ ଘଟିଚାଲିଛି । ଏଠାରେ ସୂଚାଇ ଦିଆଯାଇପାରେ ଯେ, ଓଡ଼ିଶାରେ ଥିବା ଚାରିଗୋଟି ଶିଳ୍ପ ଅଦାଲତ ଓ ଶ୍ରମ ଅଦାଲତରେ ୬୩୪ଟି ସକ୍ରିୟ ବିଚରାଧୀନ ମାମଲାରେ ରହିଛି ।

ରାଜ୍ୟରେ ଗଢ଼ି ଉଠିଥିବା ବିଭିନ୍ନ ଛୋଟ ବଡ଼ କଳକାରଖାନାରୁ ଯେଉଁ ଚିମିନ୍‌ର ଧୂଆଁ ଓ ପାଉଁଶ ସ୍ଥାନୀୟ ପରିବେଶକୁ ପ୍ରଦୂଷିତ କରୁଛି । ଏହାକୁ ବନ୍ଦ କରିବା ପାଇଁ କାରଖାନାରେ ‘ଇଏସ୍‌ପି’ ଲଗାଯିବା ବାଧ୍ୟତାମୂଳକ ହୋଇଥିଲେ ବି ବିଜୁଳି ବିଲରୁ ରକ୍ଷା ପାଇବା ପାଇଁ ଏହି ଇଏସ୍‌ପିକୁ ଚଳାଉନାହାଁନ୍ତି । ତେବେ ଯେଉଁପରି ଭାବରେ କ୍ରମାଗତ ଶିଳ୍ପଦୁର୍ଘଟଣା ଘଟିଚାଲିଛି ଏହା ପାଇଁ ସବୁମହଲରୁ ଉଦ୍‌ବେଗ ପ୍ରକାଶ ପାଉଥିଲେ ବି ଏହା କିନ୍ତୁ ଅନେକ କଳକାରଖାନାର ମାଲିକଙ୍କ ପାଇଁ ସାମାନ୍ୟ ଘଟଣା ଭାବେ ବିବେଚିତ ହୋଇଥାଏ । ଶିଳ୍ପ ନିରାପତ୍ତା ଆଇନକୁ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସମୟରେ ଭାରତ ସର୍ବୋଚ୍ଚ ଅଦାଲତ ମାନ୍ୟବର ସୁପ୍ରିମକୋର୍ଟ ଓ ମାନ୍ୟବର ହାଇକୋର୍ଟ ଏ ନେଇ ନିଜର ଉଦ୍‌ବେଗ ପ୍ରକାଶ ତୁରନ୍ତ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ପାଇଁ ଯେଉଁ ନିର୍ଦ୍ଦେଶନାମା ଦେଇଥିଲେ ତାହା କିନ୍ତୁ ଏବେ ପ୍ରାୟ ଅଳିଆଗଦାରେ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ଶ୍ରମିକଙ୍କୁ ଅଧିକ ମଜୁରୀ ନଦେଇ ଏକ ପ୍ରକାର ଶୋଷଣ କରାଯାଇ କିଛି ଅନାମଧେୟ ଠିକାଦାରଙ୍କ ଦ୍ୱାରା ଶ୍ରମିକ ମାନଙ୍କୁ ଶିଳ୍ପ କେନ୍ଦ୍ରକୁ ଅଣାଯାଇଥାଏ । ସେମାନେ କୌଣସି ତାଲିମ ନ ନେଇ ମଧ ଏହି କାମରେ ହାତ ଦେଉଥିବାରୁ ପରବର୍ତ୍ତୀ ସମୟରେ ସେମାନେ ଦୁର୍ଘଟଣାର ଶିକାର ହୁଅନ୍ତି ଆଉ ଅଧିକାଂଶ ସମୟରେ ନିଜ ଦୋଷ ଛଡ଼ାଇବା ପାଇଁ ଶିଳ୍ପ ସଂସ୍ଥାର ଉଚ୍ଚକର୍ତ୍ତୃପକ୍ଷ ବାହାନା ଦେଖାଇଥାନ୍ତି । ଶିଳ୍ପ ସଂସ୍ଥା ସହିତ ସବୁଜ ପରିବେଶ ଓ ତତ୍କାଳ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ହାତରେ ରଖିବାକୁ ନିୟମଥିଲେ ମଧ ଏହା ପ୍ରାୟତଃ ପାଳନ କରାଯାଉନାହିଁ । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଶିଳ୍ପ ବିଭାଗ ରାଜ୍ୟର ଛୋଟବଡ଼ କଳକାରଖାନାକୁ ପରିଦର୍ଶନର ଯିବାକୁ ବ୍ୟବସ୍ଥା ଥିଲେ ବି ପ୍ରାୟତଃ ସେମାନେ ଯାଇନଥାନ୍ତି । ଦିନକୁ ଦିନ ଯେଉଁପରି ଭାବରେ ଶିଳ୍ପ ଶ୍ରମିକଙ୍କ ଜୀବନ ଜୀବିକା ଉଜୁଡ଼ି ଯାଉଛି ତେଣୁ ବର୍ତ୍ତମାନ ସମୟ ପହଞ୍ଚିଛି ଶିଳ୍ପ ନିରାପତ୍ତା ଆଇନକୁ କଠୋର ଭାବରେ ପାଳନ କରିବା ସହିତ ଏ ନେଇ ସାଧାରଣରେ ସଚେତନତା ସୃଷ୍ଟି ହେଲେ ଶିଳ୍ପ ଦୁର୍ଘଟଣା ନିଶ୍ଚିନ୍ତ ଭାବରେ କମିପାରନ୍ତା ।



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ରବିବାର ୩୦.୩ ୨୦୨୫




## ଭତ୍ତା ଓ ଭିନ୍ନକ୍ଷମ କେଳେଙ୍କାରୀ ସକ୍ରିୟ, ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ




ଅସ୍ତରଙ୍ଗ(ମହାଭାରତ) – ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ଦୀର୍ଘ ବର୍ଷ ହେବ ପୂର୍ବ ସରକାର ଙ୍କ ସମୟ ରୁ ଭତ୍ତା ସହିତ ଭିତ୍ତକ୍ଷମ ସାର୍ଟିଫିକେଟ ଆଉ ସହାୟତା ରାଶି ପାଇବା କୁ ନେଇ କିଛି ଅଭିଯୋଗ ସାମ୍ନା କୁ ଆସିଛି, ଏହି ଅଭିଯୋଗ ଆଧାର ଅନୁସାରେ ଅନେକ ପଞ୍ଚାୟତ ରେ ଏହି କେଳେଙ୍କାରୀ ଏତେ ପରିମାଣ ରେ ପରିବ୍ୟାପ୍ତ ହୋଇଛି ଯେ ଏହାକୁ ଠାବ କରିବା ସମ୍ଭବପର ନୁହେଁ ବୋଲି କିଛି ଦିନ ଆଗରୁ ଭତ୍ତା ବିଭାଗ ର ଅଧିକାରୀ ଙ୍କ ସହିତ ଅସ୍ତରଙ୍ଗ ମଣ୍ଡଳ ଉତ୍ତୟନ ଅଧିକାରୀ ଗଣମାଧ୍ୟମ କୁ ଡାକି ମତାମତ ଦେଇଥିଲେ।ମାତ୍ର ଏହି ଘଟଣା କୁ କେନ୍ଦ୍ର କରି ଅସ୍ତରଙ୍ଗ ର ଆଗଧାଡିର ସାମାଜିକ ଅନୁଷ୍ଠାନ ବହୁମୁଖୀ ଯୁବ ସମନିତ ଚ଼ରିଟେବୁଲ ଟ୍ରଷ୍ଟ ପୁରୀ ଜିଲ୍ଲାପାଳ ଙ୍କୁ ଭେଟି ମାର୍ଚ୍ଚ ୭ ତାରିଖ ରେ ଏକ ଅଭିଯୋଗ କରିଥିଲେ, ଅଭିଯୋଗ ମୁତାବକ ପୂର୍ବ ସରକାର ଙ୍କ ସମୟ ରେ ଅସ୍ତରଙ୍ଗ ଅଞ୍ଚଳ ରେ ଅନେକ ପଞ୍ଚାୟତ ରେ ପ୍ରକୃତ ହିତାଧିକାରୀ ସାମାଜିକ ସୁରକ୍ଷା ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଅନେକ ଅଯୋଗ୍ୟ ଓ ସୁସ୍ଥ ହିତାଧିକାରୀ ଏହି ଭତ୍ତା ହାତେଇଛନ୍ତି, ଅନେକ ବ୍ୟକ୍ତି ଟାମ୍ପରିଙ୍ଗ କରି ଆଧାର ରେ ବୟସ ସୀମା ବୃଦ୍ଧି କରି ସେଇ ଅନୁସାରେ ନିଜ ନିଜ ର ଭୋଟର ପରିଚୟପତ୍ର କରି ଏହି ଭତ୍ତା କୁ ଚମ୍ପଟ କରିଥିବା ବେଳେ ଅନେକ ବ୍ୟକ୍ତି ଭୁଲ ତଥ୍ୟ ଆଧାର ରେ ଭିନ୍ନକ୍ଷମ ସାର୍ଟିଫିକେଟ କରାଇ ଏହି ସ୍କିମ ରେ ନିଜକୁ ପଞ୍ଜିକରଣ କରିଛନ୍ତି, ଏହି ବାବଦରେ ପୁରୀ ଜିଲ୍ଲାପାଳ ଅସ୍ତରଙ୍ଗ ମଣ୍ଡଳ ଉତ୍ତୟନ ଅଧିକାରୀ ଙ୍କୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଜାରି କରିଛନ୍ତି,ଗତ ୧୭ ତାରିଖ ରେ ଏହି ଚିଠି ଜିଲ୍ଲା ପ୍ରଶାସନ ତରଫରୁ ଜାରି କରାଯାଇଛି ଆଉ ନିର୍ଦ୍ଦେଶ ମୁତାବକ ବ୍ଲକ ପ୍ରଶାସନ ତୁରନ୍ତ ଏହି ଭତ୍ତା କେଳେଙ୍କାରୀ ଘଟଣା ଉପରେ ତଦନ୍ତ କରି ପଦକ୍ଷେପ ନେବାପାଇଁ, ଯାହାକୁ ନେଇ ଏହି ଚ଼ରିଟେବୁଲ ଟ୍ରଷ୍ଟ ର ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ ଗଣମାଧ୍ୟମ କୁ ଏହି ନିର୍ଦ୍ଦେଶ ନାମା ଚିଠି ର ନକଲ ଦେବା ସହ ସୂଚନା ପ୍ରଦାନ କରିଛନ୍ତି ।

## ହିଞ୍ଜିଳିବାହାଲି ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଜୁନାଗଡ଼,(ମହାଭାରତ):ଜୁନାଗଡ଼ ଗୋଷ୍ଠୀ ଶିକ୍ଷା ଅଧୀନ ହିଞ୍ଜିଳିବାହାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରତୀ ବର୍ଷ ଭଳୀ ଚଳିତ ବର୍ଷ ମଧ୍ୟ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜୁନାଗଡ଼ ଗୋଷ୍ଠି ଶିକ୍ଷା ଅଧିକାରୀ ତପନ କୁମାର ମାଝୀ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ରୂପେ ଏ ବି ଓ ସୁଶାନ୍ତ ଠାକୁର ଏସ ଏମ ସି ଚେରମେନ୍ କ୍ଷେତ୍ରମଣି ଚନ୍ଦନ ,୧ ନଂ କାଉନସିଲାର୍ ଗୋପାଲ ଚନ୍ଦନ, ଜୁନାଗଡ଼ ସାମ୍ବାଦିକ ସଂଘ ସଭାପତି ଖଗେଶ୍ୱର ଧଙ୍ଗଡ଼ାମାଝୀ ଅବସର ପ୍ରାପ୍ତ ଶିକ୍ଷୟତ୍ରୀ ସଂଯୁକ୍ତା ସାହୁ, ସରଜ କୁମାର ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ ୟ ସଂପୃକ୍ତ ଆୟୋଜିତ ଉତ୍ସବରେ ବିଦ୍ୟାଳୟରେ ପୁରସ୍କାର ବିତରଣ ନେଇ ଏକ ପ୍ରତିଯୋଗିତା ରଖାଯାଇ ସ୍କୁଲର ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପୁରସ୍କାର ବିତରଣ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ , ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ସାମ୍ବାଦିକ ଙ୍କ ପିତୃ ବିୟୋଗ

ପାରାଦୀପ (ମହାଭାରତ): ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ସୁଧାଂଶୁ ନାୟକ ଙ୍କ ପିତା ନବ କିଶୋର ନାୟକ ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅପରାହ୍ନ ରେ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ର ଏକମାତ୍ର ପୁଅ, ଝିଅ, ଜୋଇଁ, ନାତି ନାତୁଣୀ ଓ ବନ୍ଧୁ ପରିଜନ ମାନେ ଉପସ୍ଥିତ ଥିଲେ । ତାଙ୍କର ଅନ୍ତିମ ସଂସ୍କାର ନିଜ ଗ୍ରାମ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବନ୍ଧକଟା ଗ୍ରାମରେ କରାଯାଇଛି । ସ୍ୱର୍ଗତ ନାୟକ ପାରାଦୀପ ବନ୍ଦରର ଜଣେ ଅବସରପ୍ରାପ୍ତ କର୍ମଚ଼ାରୀ । ତାଙ୍କ ବିୟୋଗରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚ଼ାର୍ଯ୍ୟ, ରବୀନ୍ଦ୍ର ଜେନା, ରତ୍ନାକର ଜେନା, ରାକେଶ ପଟ୍ଟନାୟକ, ଦୀପକ ଦାସ, ପ୍ରଭାକର ସାହୁ, ସନ୍ତୋଷ ଭାରତୀ, ଆଲୋକ ମହାପାତ୍ର, ବିବେକାନନ୍ଦ ରାଉତ, ସଦାନନ୍ଦ ବେହେରା, ବିରଜା ତ୍ରିପାଠୀ, ରଶ୍ମୀ ରାଉତରାୟ, ଅଜିତ ଦାସ, ଲକ୍ଷ୍ମୀଧର ସାହୁ, ପ୍ରଭାତ ମହାପାତ୍ର ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିବା ସହ ତାଙ୍କ ଆତ୍ମା ର ସଦଗତି କାମନା କରି ଶୋକସନ୍ତପ୍ତ ପରିବାରକୁ ଭଗବାନ ଅସୀମ ଧୈର୍ଯ୍ୟ ପ୍ରଦାନ କରିବାକୁ ପ୍ରାର୍ଥନା କରିଛନ୍ତି ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାକୁରମୁଣ୍ଡା ଠାରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ

କରଞ୍ଜିଆ, (ମହାଭାରତ) ଅନୁସୂଚିତ ଜନଜାତି ଅନୁସୂଚିତ ଜାତି ଉନ୍ନୟନ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚ଼ାଳିତ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଠାରେସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଶନିବାର ଦିନ ଅନୁଷ୍ଠିତ ହୋଇ ଯାଇଛି। ଆମ ଓଡିଶା ପ୍ରସଙ୍ଗକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବଳରାମ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ମୁଖ୍ୟ ଅତିଥି ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ସପ୍ନେଶ୍ୱର ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ରାକେଶ ରଞ୍ଜନ ଦାସ -ଗୋଷ୍ଠୀ ମଙ୍ଗଳ ସଂପ୍ରସାରଣ ଅଧିକାରୀ , ଶ୍ରୀମତୀ ସାବିତ୍ରୀ ଦଳେଇ ଥାନା ଅଧିକାରିଣୀ ,ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସକ ପ୍ରିତିରଞ୍ଜନ ସାହୁ , ଭରତ ଭୂଷଣ ମହାନ୍ତ , ଆଇସିଡିଏସ ସୁପ୍ରଭାଇଜର ସରୋଜିନୀ ନାଏକ , ସୁଶାନ୍ତ କୁମାର ସାହୁ ସଂଯୋଜକ ବନ୍ୟା ଅଧିକାରୀ ଠାକୁରମୁଣ୍ଡା,ବନରକ୍ଷୀ ପ୍ରମୋଦ କୁମାର ମହାନ୍ତ ,ୱାର୍ଡ ସଭ୍ୟା ଶ୍ରୀମତୀ ପଦ୍ମାବତୀ ସିହ୍ନା, ସୁଜି କୁମାର ଲୁଗୁନ ପଦ୍ମଲୋଚନ ନନ୍ଦ , ଯୋଗ ଦେଇ ସରକାରଙ୍କର ବିଭିନ୍ନ ଯୋଜନା ବାବଦରେ ଅଭିଭାବକ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକ ରେ ୨୫୦ ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। ଅଭିଭାବକ ମାତା ମାନଙ୍କ ମଧ୍ୟରେ ଗୋଲି ଚ଼ମଚ୍ ପ୍ରତିଯୋଗିତା ଏବଂ ଅଭିଭାବକ ପିତା ମାନଙ୍କ ମଧ୍ୟରେ ଅନ୍ଧପୁଟୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା କୃତି ଛାତ୍ରୀ ଏବଂ ପ୍ରତିଯୋଗିତା ରେ ଭାଗ ନେଇ ଜୟଯୁକ୍ତ ହୋଇଥିବା ଅଭିଭାବିକା ଓ ଅଭିଭାବକ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ଅସ୍ୱାସ୍ଥ୍ୟକର ଉପକୂଳ ପରିବେଶ, ହଜିଗଲେଣି ବିରଳ କଙ୍କଡା

ଅସ୍ତରଙ୍ଗ,(ମହାଭାରତ) – ଅସ୍ତରଙ୍ଗ ର ଦେବୀ ମୁହାଣ ଠାରୁ କେଲୁଣି ମୁହାଣ ପର୍ଯ୍ୟନ୍ତ ପୁରା ଅଂଚଳରେ ପୂର୍ବରୁ ଅନେକ ପ୍ରଜାତିର କଙ୍କଡା, ମାଛ, ଡ଼ଲଫିନ, କଇଁଛ ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବ ଦେଖାଯାଉଥିଲା। ଏବେ ସେ ସବୁ ପରିବେଶ ପରିବର୍ତ୍ତନର ଶିକାର ହୋଇ ଆସ୍ତେ ଆସ୍ତେ ଅଦୃର୍ଷ୍ୟ ହେବାରେ ଲାଗିଛନ୍ତି। ତା ଭିତରୁ ନୀଳ ରକ୍ତ କଙ୍କଡା ବା ଅଶ୍ୱଖୁରାକୃତି କଙ୍କଡା ଏକ ଅତ୍ୟନ୍ତ ଦୁର୍ଲଭ ଜୀବ ଭାବେ ପରିଚିତ। ଉପକୂଳର ସନ୍ତସନ୍ତିଆ ହେନ୍ତାଳ ଜଙ୍ଗଲ ଓ ବାଲିଚରରେ ଏମାନେ ପ୍ରାୟତଃ ଦେଖିବାକୁ ମିଳିଥାନ୍ତି। ୪ଟି ପ୍ରଜାତିର ଏହି କଙ୍କଡା ମଧ୍ୟରୁ ଓଡ଼ିଶା ଉପକୂଳରେ ଦୁଇଟି ପ୍ରଜାତିର କଙ୍କଡ଼ା ଦୃଷ୍ଟିଗୋଚର ହୁଅନ୍ତି । ସବୁ ପରିବେଶ ସହିତ ଖାପ୍ ଖୁଆଇ ରହିବା ପାଇଁ ଏମାନେ ସମର୍ଥ ଥିବା ବେଳେ ଶାନ୍ତ ସମୁଦ୍ର ଓ ନଦୀ ମୁହାଣରେ ରହିବାକୁ ପସନ୍ଦ କରିଥାନ୍ତି।ଉପକୂଳ ନଦୀ, ନାଳ ଓ ସମୁଦ୍ର କୂଳରେ ଥିବା ଲୁଣା ଜଙ୍ଗଲରେ ଏମାନେ ରହୁଥିବାରୁ ପରିବେଶ ସନ୍ତୁଳନ ରକ୍ଷାରେ ଏମାନଙ୍କ ମୁଖ୍ୟ ଭୂମିକା ଥାଏ।ଲୁଣା ଜଙ୍ଗଲ, ଦୋରସା ,ବାଲିଆ, ପଙ୍କ ସନ୍ତସନ୍ତିଆ ସ୍ଥାନରେ ପ୍ରାୟ ସମୟରେ ଯୋଡ଼ା ଯୋଡ଼ା ହୋଇ ନୀଳ ରକ୍ତ କଙ୍କଡା ପଡ଼ିଥିବା ଦେଖାଯାଏ।ନଭେମ୍ବରରୁ ଫେବୃଆରୀ ମଧ୍ୟରେ ବହୁ ସଂଖ୍ୟାରେ କଙ୍କଡା ମିଳନ ପାଇଁ ସମୁଦ୍ରରୁ କୂଳ ଆଡ଼କୁ ଆସିଥାନ୍ତି।ନୀଳ ରକ୍ତ କଙ୍କଡାର ରକ୍ତ ଜୀବ ବିଜ୍ଞାନର ଅନେକ ଗବେଷଣାରେ ବ୍ୟବହୃତ ହେଉଥିବା ବେଳେ ମଣିଷ ରକ୍ତରେ ରୋଗ ଚିହ୍ନଟ ପାଇଁ ଏହା



ବ୍ୟବହାର ହୁଏ।ଏହି ପ୍ରଜାତିର ସାମୁଦ୍ରିକ ଜୀବ ଏବେ ପ୍ରାୟ ଅଦୃଶ୍ୟ ହୋଇଯାଇଛି। ଅନ୍ୟ ପଟେ ସାମାନ ଅବସ୍ଥା ବିରଳ ଡ଼ଲଫିନ ଙ୍କର ପୂର୍ବରୁ ଉପକୂଳ ସମୁଦ୍ର ରେ ଏହି ପ୍ରଜାତି ଜଳ କ୍ରୀଡା କରୁଥିବା ଦେଖିବାକୁ ମିଳିଥାଏ ଯାହା ଏବେ ସ୍ୱପ୍ନ, ଦିନକୁ ଦିନ କୂଳକୁ ଅଣ୍ଡା ଦେବାକୁ ଆସୁଥିବା ବିରଳ ଅତିଥି ଅଲିଭ ରିଡଲେ କଇଁଛ ଙ୍କର ସଂଖ୍ୟା କମିବାରେ ଲାଗୁଚି ଯାହାର ସଠିକ ହିସାବ ଲୋକ ଲୋଚନ କୁ ଆସୁନି। ଏହି ଅବସ୍ଥା ସୃଷ୍ଟି ହେବାର ପ୍ରମୁଖ କାରଣ ହେଉଛି ଚିଙ୍ଗୁଡ଼ି ଘେରି ଦ୍ୱାରା ଜଳ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ପ୍ରଶାସନିକ ଅଧିକାରୀଙ୍କ ଛାତ୍ର ଛାୟା ତଳେ ଥିବା ଚୋରା ଖଙ୍ଗା, ଚୁଙ୍ଗୁଡ଼ି ଯାଆଁଳ ମାଫିଆ ଙ୍କ ଦ୍ୱାରା ବ୍ୟବହୃତ ଅତ୍ୟାଧୁନିକ ମାଛଧରା ଜାଲ ବ୍ୟବହାର ଓ ଅତ୍ୟଧିକ ମେସିନ ବୋଟ୍ ନଦୀ ସମୁଦ୍ରରେ ଚଳପ୍ରଚଳ। ମଣିଷଙ୍କ ଦ୍ୱାରା ଅତ୍ୟଧିକ ପ୍ଲାଷ୍ଟିକ ବ୍ୟବହାର, କଳ କାରଖାନାରୁ ନିର୍ଗତ ରସାୟନିକ ପଦାର୍ଥ ନଦୀ ସମୁଦ୍ରକୁ ନିଷ୍କାସିତ ହେବା ଫଳରେ ଏହି ସବୁ ଜୀ ଗୁଡ଼ିକଙ୍କ ପାଇଁ ଥିବା ଅନୁକୂଳ ପରିବେଶ ପ୍ରଭାବିତ ହେଉଛିୟ ସେହିପରି ଜଳବାୟୁ ପରିବର୍ତ୍ତନରେ ସମୁଦ୍ର ପାଣିର ତାପମାତ୍ରା ବୃଦ୍ଧି ପାଉଥିବାରୁ ଏମାନଙ୍କ ପ୍ରଜନନ ଉପରେ ଖରାପ ପ୍ରଭାବ ପଡୁଛି।ପୂର୍ବରୁ ଅସ୍ତରଙ୍ଗ ଦେବୀ ମୁହାଣ ସଂଲଗ୍ନ ତ୍ରିକୋଣ ଭୂମି ଅଞ୍ଚଳ ଓ ଏହାର ଆଖପାଖ ନଦୀନାଳ ରେ ହଜାର ହଜାର ନୀଳ ରକ୍ତ କଙ୍କଡାମାନଙ୍କର ପ୍ରାକୃତିକ ଆଶ୍ରୟସ୍ଥଳୀ ଥିଲା। କିନ୍ତୁ ବ□ମାନ ଏହା ଦେଖିବାକୁ ଦୁଃସାଧ ହୋଇପଡ଼ିଛି। ଏହି ଅବସ୍ଥା କେବଳ ଏକ ପ୍ରଜାତିର ବିଲୁପ୍ତି ନୁହେଁ ବରଂ ସାମୁଦ୍ରିକ ପରିସଂସ୍ଥାନ ବିଜ୍ଞାନ ପାଇଁ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛ। ଏଥିପାଇଁ ସମସ୍ତଙ୍କୁ ଉପକୂଳ ପରିବେଶ ସୁରକ୍ଷା, ସମୁଦ୍ର କୂଳ ପ୍ଲାଷ୍ଟିକ ମୁକ୍ତ କରିବା ଏବଂ ଏହି ଦୁର୍ଲଭ ପ୍ରଜାତିଙ୍କୁ ସୁରକ୍ଷିତ କରିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ ବୋଲି ପରିବେଶବିତମାନେ କହିଛନ୍ତି।

## ଡିଜିପି ପୋଲିସ ଡିସ୍କ ସମ୍ମାନ ପାଇବେ ମନୋବ୍ରତା



ଓଡ଼ିଶା ପୋଲିସରେ, ଡିଜିପିଙ୍କ (ପୁଲିସ ମହାନିର୍ଦ୍ଦେଶକ) ଡିସ୍କ ପୁରସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମାନ, ଯାହା ପୋଲିସ କର୍ମଚ଼ାରୀଙ୍କ ଉଲ୍ଲେଖନୀୟ ସେବା ଓ କୃତିତ୍ୱ ପାଇଁ ପ୍ରଦାନ କରାଯାଏ। ଏହି ପୁରସ୍କାର ପ୍ରତିବର୍ଷ ଓଡ଼ିଶା ପୋଲିସ ଗଠନ ଦିବସରେ ପ୍ରଦାନ କରାଯାଏ। ପୋଲିସ ଚ଼କିରୀରେ ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରି ଆସନ୍ତା ଏପ୍ରିଲ ପହିଲାରେ ହେବାକୁ ଥିବା ୯୦ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସରେ ଡିଜି ପୋଲିସ ଡିସ୍କ ସମ୍ମାନ ପାଇବାକୁ ଯୋଗ୍ୟ ମନୋନୀତ ହୋଇଛନ୍ତି କୋରାପୁଟ ଅତିରିକ୍ତ ପୋଲିସ ଅଧିକ୍ଷକ ମନୋବ୍ରତା ଶତପଥୀ। ଏନେଇ କଟକସ୍ଥିତ ଓଡିଶା ରାଜ୍ୟ ପୋଲିସ ମୁଖ୍ୟାଳୟର ତରଫରୁ ସୂଚନା ଆସୁଛି। ଆସନ୍ତା ଏପ୍ରିଲ ପହିଲାରେ ଆୟୋଜିତ ୯୦ତମ ପୋଲିସ ପ୍ରତିଷ୍ଠା ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମନୋବ୍ରତା ଶତପଥୀ ଙ୍କୁ ସମ୍ମାନିତ କରାଯିବ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ଜଣାଯାଇଛି।ସୂଚନା ଥାଉକି ଯେ, ମନୋବ୍ରତା ଶତପଥୀ ରାଜ୍ୟ ପୋଲିସରେ ଗତ ୨୦୧୭ ମସିହାରେ ଯୋଗଦାନ କରିଥିଲେ।ପ୍ରଥମେ ପୁରୀର ଡିଏସପି ଟ୍ରାଫିକ ଭାବେ ସଫଳତା ସହ ଦାୟିତ୍ୱ ସମ୍ପାଦନ କରିବା ପରେ ତାଙ୍କୁ ସୁନାବେଡା ଏସଡିପିଓ ଏବଂ ପରେ ଲକ୍ଷ୍ମୀପୁର ଏସଡିପିଓ ଭାବେ ଦକ୍ଷତା ସହ କାର୍ଯ୍ୟ କରିଥିବାବେଳେ କୋରାପୁଟ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ପଦୋନ୍ନତି ପାଇ ଗତ ୨୦୨୪ ମସିହା ନଭେମ୍ବର ୧୨ ତାରିଖରେ ସେ ନିଜ କାର୍ଯ୍ୟରେ ଯୋଗଦେଇଥିଲେ।ଏହି ପୁରସ୍କାର ଦ୍ୱାରା, ପୋଲିସ କର୍ମଚ଼ାରୀମାନଙ୍କର ଦୃଢ଼ ପ୍ରତିବଦ୍ଧତା ଓ ସେବାଭାବକୁ ସ୍ୱୀକୃତି ଦିଆଯାଏ, ଯାହା ଅନ୍ୟମାନଙ୍କୁ ମଧ୍ୟ ଉତ୍ସାହିତ କରେ।

## ଏନ.ଏ. ସି.ସରକାରୀ ଉଚ୍ଚବିଦ୍ୟାଳୟରୁ ଖେଳ ଶିକ୍ଷକ କାଳନ୍ଦୀ ଚରଣ ନାଥ ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ପାରାଦ୍ୱୀପ (ମହାଭାରତ)ପାରାଦୀପ ଏନଏଏସି ଉଚ୍ଚବିଦ୍ୟାଳୟର ଖେଳ ଶିକ୍ଷକ କାଳନ୍ଦୀ ଚରଣ ନାଥ ଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଅଛି । ଏହି ବିଦାୟ କାଳୀନ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ କ୍ଲଷ୍ଟର ଶିକ୍ଷା ଅଧିକାରୀ ସୁକାନ୍ତ କୁମାର ସ୍ୱାଇଁ ଯୋଗ ଦେଇ କାଳନ୍ଦୀ ସାର ଙ୍କ କୃତିତ୍ୱ କୁ ଅତି ନିଖୁଣ ଭାବରେ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ତାଙ୍କ ବକ୍ତବ୍ୟରେ ପ୍ରଦାନ କରିଥିଲେ ।ଏହି ବିଦାୟ କାଳୀନ ଉତ୍ସବ ରେ ପ୍ରଧାନ ଶିକ୍ଷକ ଙ୍କ ସମେତ ବିଦ୍ୟାଳୟର ସମସ୍ତ ସହ ଶିକ୍ଷକ ମାନେ ଉପସ୍ଥିତ ରହିବା ସହ ଏନ ସି ଗାର୍ଲ୍ସ ହାଇ ସ୍କୁଲ ର ଶିକ୍ଷକ ମାନେ ମଧ୍ୟ ଉପସ୍ଥିତ ରହିଥିବା ଦେଖିବାକୁ ମିଳି ଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଂଶୁ ରାୟ ଏହି ବିଦାୟ କାଳୀନ ଉତ୍ସବ ରେ ଅତି ସୁନ୍ଦର ବକ୍ତବ୍ୟ ଦେବା ସହ ଛାତ୍ର ଛାତ୍ରୀ ମାନଙ୍କୁ ନାଥ ସାର ଙ୍କ କୃତିତ୍ୱ କୁ ଅତି ସୁନ୍ଦର ଭାବରେ ବଖାଣି ଥିଲେ ।ନାଥ ସାର ଜଣେ ମେଳାପୀ ମିଷ୍ଟ ଭାସି ଏବଂ ଜଣେ ଦକ୍ଷ ଖେଳ ଶିକ୍ଷକ ସହ ଅନ୍ୟ ବିଷୟରେ ସେ ସୁନ୍ଦର ଭାବରେ ଶିକ୍ଷା ପ୍ରଦାନ କରୁଥିଲେ ବୋଲି ବିଦ୍ୟାଳୟ ର ଦୀପ୍ତି ମାଡାମ ଏବଂ ସମ୍ପଦା ରାଣୀ ଆଚ଼ାର୍ଯ୍ୟ ରାୟ ତାଙ୍କ ବକ୍ତବ୍ୟ ରେ ନାଥ ସାର ଙ୍କୁ ଭୁୟସୀ ପ୍ରଶଂସା କରିବା ସହ ତାଙ୍କ ଶିକ୍ଷାଦାନ ସବୁଦିନ ପାଇଁ ଉଜୀବିତ ହୋଇ ରହିବ ବୋଲି କହିଥିବା ଦେଖିବାକୁ ମିଳିଥିଲା । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ନାଥ ସାର ଙ୍କ ବିଦାୟ କୁ ଅତି ସହଜରେ ଗ୍ରହଣ କରି ପାରୁ ନଥିବା ଦେଖିବାକୁ ମିଳିଥିଲା । ସମସ୍ତଙ୍କ ଆଖିରୁ ଲୁହ ଝଡି ପଡିଥିଲା ଏହି ବିଦାୟ କାଳୀନ ଉତ୍ସବ ରେ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ତଥା ସଚିତା ନନ୍ଦ ପୁହାଣ, ସନ୍ତୋଷ କୁମାର ସାମଲ, ସୁରୀୟ କାନ୍ତ ଶତପଥି, ସମ୍ପଦା ରାଣୀ ଆଚ଼ାର୍ଯ୍ୟ, ଦୀପ୍ତି ରଥ, ସୁଶାନ୍ତ ସାମଲ, ଭଗବତୀ ସାହୁ, ଅରୁଣ ବାଗ, ଇତିଶ୍ରୀ ପ୍ରଧାନ, ସସ୍ମିତା ସାହୁ, ପ୍ରଜ୍ଞା ଭୂଇଁଆ, ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା । ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପୁରାତନ ଛାତ୍ର ଛାତ୍ରୀ ମାନେ ଉତ୍ତରୀୟ ଏବଂ ପୁଷ୍ପ ଗୁଚ୍ଛ ଦେଇ ନାଥ ସାର ଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା ।

## ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅନୁଗୋଳ ତରଫରୁ ସହାୟତା ରାଶି ପ୍ରଦାନ

ଅନୁଗୋଳ,(ମହାଭାରତ):ଆଜି ତା ୨୯.୦୩.୨୦୨୫ ରିଖ ପୂର୍ବାହ୍ନ ୧୧.୪୫ ଘଟିକା ସମୟରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅନୁଗୋଳ ତରଫରୁ ଅନୁଗୋଳ ଜିଲ୍ଲାପାଳ ଅବଦଲ ଏମ ଅଖତରଙ୍କ ଉପସ୍ଥିତିରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ/ମନୋନୀତ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରାଯାଇଅଛ। ଉକ୍ତ ଶିବିରରେ ୮୯ ଜଣ ଆବେଦନକାରୀଙ୍କୁ ଟ ୮,୩୪,୨୦୦/- (ଶିକ୍ଷା ସହାୟତା), ୫୧୭ ଜଣ ଆବେଦନକାରୀଙ୍କୁ ଟ ୨,୫୮,୨୫,୦୦୦/- (ବିବାହ ସହାୟତା),୧୫ ଜଣ ଆବେଦନକାରୀଙ୍କୁ ଟ ୧,୫୦,୦୦୦/- (ପ୍ରସୂତିକାଳୀନ



ସହାୟତା) ୬୨ ଜଣ ମନୋନୀତ ବ୍ୟକ୍ତିଙ୍କୁ ଟ ୧,୩୮,୦୦,୦୦୦/- (ମୃତ୍ୟୁକାଳୀନ ସହାୟତା) ଓ ୫୬ ଜଣ ମନୋନୀତ ବ୍ୟକ୍ତିଙ୍କୁ ଟ ୨,୮୦,୦୦୦/-(ଅନ୍ତ୍ୟେଷ୍ଟି କ୍ରିୟା ସହାୟତା) ସର୍ବ ମୋଟ ୭୩୯ ଜଣ ନିର୍ମାଣ ଶ୍ରମିକଙ୍କୁ ଟ୪,୦୮,୮୯,୨୦୦/- (ଚ଼ରି କୋଟି ଆଠ ଲକ୍ଷ ଅଣାନବେ ହଜାର ଦୁଇ ଶହ) ମାତ୍ର ରାଶି ପ୍ରଦାନ କରାଯାଇଅଛି ।ଉକ୍ତ ଶିବିରରେ ଶ୍ରୀମତୀ ଲିରିକା ରାୟ,ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), କେ ଶ୍ରବନ କୁମାର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,ଅନୁଗୋଳ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚ଼ାରୀ ଓ ନିର୍ମାଣ ଶ୍ରମିକ ଉପସ୍ଥିତ ରହିଥିଲେ ।

## ରାଇରଙ୍ଗପୁର ସହରର ଧର୍ମପରାୟଣ ମହିଳା ମନ୍ଦୋଦରୀ ଦତ୍ତଙ୍କ ଦେହାନ୍ତ

ରାଇରଙ୍ଗପୁର(ମହାଭାରତ):ରାଇରଙ୍ଗପୁର ସହରର କୁଚେଇବୁଡି ଗ୍ରାମର ମନ୍ଦୋଦରୀ ଦ□(୮୨) ଙ୍କ ଆଜି ସକାଳ ୯ ଘଟିକା ରେ ନିଜ ବାସ ଭବନରେ ଚେୟାର ଉପରେ ବସିଥିବା ବେଳେ ହୃଦଘାତରେ ଦେହାନ୍ତ ହୋଇଯାଇଛି।ୟମନ୍ଦୋଦରୀ ଦତ୍ତ ଜଣେ ଧର୍ମପରାୟଣ, ପରୋପକାରୀ,ମେଳାପି, ମିଷ୍ଟଭାଷୀ,ହାସ୍ୟମୟୀ ମହିଳା ଥିଲେ । କୁଚେଇବୁଡୀ ଗ୍ରାମର ସେ ଅତ୍ୟନ୍ତ ଲୋକପ୍ରିୟ ମହିଳା ଥିଲେ । ମାଛିକୁ ମ' କୁହନ୍ତି ନାହିଁ ।ଛୋଟରୁ ବଡ ସମସ୍ତଙ୍କର ପ୍ରିୟ ଥିଲେ । ସମସ୍ତଙ୍କୁ ଭଲପାଇବା,ଆପଣେଇବା ଓ ମିଠା ମିଠା କଥା କହିବା ଏକ ଐଶ୍ୱରିକ ଗୁଣ ଥିଲା । ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସହ ସେ ଜଡିତ ଥିଲେ ।ତାଙ୍କ ଦେହାନ୍ତ ଖରର ପାଇ ହୁ ମାନ୍ୟଗଣ୍ୟ ବ୍ୟକ୍ତି,କୁମ୍ଭାର ସମାଜର କର୍ମକର୍ତ୍ତା, ମହିଳା ସଂଗଠନ ସଦସ୍ୟା, ଧାର୍ମିକ ଅନୁଷ୍ଠାନ କର୍ମକର୍ତ୍ତା,ଶୁଭେଚ୍ଛୁ, ଆତ୍ମୀୟସ୍ୱଜନ ମାନେ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ ସହ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୃତଦେହକୁ ରାଇରଙ୍ଗପୁର ସହରର ଖଡଖାଇ ନଦୀକୂଳ ସ୍ୱର୍ଗଦ୍ୱାରକୁ ନିଆ ଯାଇଥିଲା ।

## ଆସିକା ତହସିଲରେ ରାଜସ୍ୱ କମିଶନର ଙ୍କ ସମୀକ୍ଷା

ଆସିକା (ମହାଭାରତ): ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ କାର୍ଯ୍ୟାଳୟ ଅତିରିକ୍ତ ସଚିବ ରାମେଶ୍ୱର ପ୍ରଧାନ,ଯୁଗ୍ମ ସଚିବ ପାର୍ବତୀ ମଞ୍ଜରୀ ମହାଲିକ ଏବଂ ଯୁଗ୍ମ ସଚିବ ମୋନିକା ପ୍ରିୟଦର୍ଶନୀ ଆଜି ଆସିକା ତହସିଲର ରାଜସ୍ୱ, ରେକର୍ଡପତ୍ର ତନଖି, ସର୍କିଲ ଗୁଡିକ ଅନୁଧ୍ୟାନ ସାଙ୍ଗକୁ ସରକାରଙ୍କ କାର୍ଯ୍ୟକ୍ରମ କୁ ତ୍ୱରିତ କରିବା ସହ ଲୋକ ମାନଙ୍କୁ ତ୍ୱରିତ ସେବା ପ୍ରଦାନ କରି ଲୋକ ମାନଙ୍କ ବିଶ୍ୱାସଭାଜନ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ଆସିକା ତହସିଲ ଅନ୍ତର୍ଗତ ୦୯ ଗୋଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ତଥା ଗୁଣ୍ଡପଡା, ଆସ୍କା, ଭେଟନଇ, ଗହଂଗୁ, ନିମିନା, ବାଲିସିରା, ବାବନପୁର, ହରିଡ଼ାପଦର ଏବଂ ନଳବ□ା ସର୍କିଲ ର ସମସ୍ତ ନଥିପତ୍ର ଯାଞ୍ଚ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଆସିକା ତହସିଲଦାର ସଂଗୀତା ସେଣ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ସୌଦାଗର ବେହେରା, ବରିଷ୍ଠ କିରାଣୀ



କିରଣ କୁମାର ପାଢ଼ୀ, ନାଜିର ଜ୍ଞାନଚ଼ନ୍ଦ ମହାନ୍ତି, ସୁପରଭାଇଜର ବିଶ୍ୱନାଥ ଲେଙ୍କା, ସୁନୀଲ ମହାରଣା, ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ, ଅମିନ ଏବଂ ଅନ୍ୟାନ୍ୟ ତହସିଲ କର୍ମଚ଼ାରୀ ଉପସ୍ଥିତ ରହିଥିଲେ । ଶେଷରେ ଦୁଇ ଜଣ ସଚିବ ନଳବତ୍ତା ଏବଂ ହରିଡ଼ାପଦର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କୁ ପରିଦର୍ଶନ ରେ ଯାଇଥିଲେ।

# ସମାବାଲି ଗ୍ରାମବାସୀଙ୍କ ପାଇଁ ନଳକୂପ ଜଳ ସାତ ସପନ

କନ୍ଧମାଳ: ରାଜ୍ୟ ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଅନେକ ଯୋଜନା କରି ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରିଥିବା ବେଳେ ଭାରତ ସ୍ୱାଧୀନ ହେବାପରେ ମଧ୍ୟ ଆଜି ପର୍ଯ୍ୟନ୍ତ ପହଞ୍ଚି ପାରିନାହିଁ କନ୍ଧମାଳ ଜିଲ୍ଲା



ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ଲାଠିକୁପା ଗ୍ରାମ ସମାବାଲି ସାହିରେ ନଳକୂପ ନଥିବା ରୁ ଦେଖିବାକୁ ମିଳୁଛି ଜଳ ସଙ୍କଟର ସମୋସ୍ୟା ଯାହା ଫଳରେ ଉକ୍ତ ସମାବାଲି ସାହି ବାସିନ୍ଦା ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ସମାବାଲି ସାହିର ଜନସାଧାରଣ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲିଖିତ ଅଭିଯୋଗ କରିଥିଲେ ସତ୍ତ୍ୱେ କୌଣସି ସୁଫଳ ମିଳି ନଥିବାରୁ ସମାବାଲି ସାହିର ଜନସାଧାରଣ ଙ୍କ ମନରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ସମବାଲି ସାହିର ଅଭିଯୋଗ ଆଣିଲେ ମାଁ ଓ ବୃଦ୍ଧ ବୃଦ୍ଧା ବିଶ୍ୱନାଥ କହଁର, ପ୍ରମିଳା ମଲ୍ଲିକ , ଗୀତାଞ୍ଜଳି କହଁର , ସୁମିତ୍ରା ମଳିକ ,ମାନବ କହଁର,ନିଦ କହଁର, ଭାସ୍କର ମଳିକ,କଟେରୀ କହଁର ଶାଶ୍ର ମଳିକ,ନିଦିକ୍ କହଁର, ଶ୍ରଦ୍ଧାଞ୍ଜଳି ମଳିକ, ସୁବଳ କହଁର ଓ ସୁଧାମ କହଁର ଏବଂ ଲାଟିକୁପା ଗ୍ରାମର ସମବାଲି ସାହିର ଲୋକମାନେ ପିଇବା ପାଣି ପାଇଁ ଅନେକ ଦୂରକୁ ୧ କିଲୋମିଟର ଯିବାକୁ ପଡୁଥିବାରୁ ଆଗକୁ ଖରାଦିନ ଆସୁଥିବା ରୁ ପିଇବା ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବା ସହିତ ଲାଟିକୁପା ଗ୍ରାମ ସମବାଲି ସାହିର ଦୁଃଖ କହିଲେ ନସରେ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି ଲାଟିକୁପା ର ସମାବାଲି ସାହି ଗ୍ରାମବାସୀ।

## ଫ୍ଲାଏ ତଳେ ଛିଡ଼ା ହୋଇଥିବା ପିଆଜ ବୋଝେଇ ଟ୍ରକ୍ କୁ ନିଆଁ ଲଗାଇଦେଲେ ଦୁବୃର୍ତ୍ତ



ଯୋଡା,(ମହାଭାରତ) କେନ୍ଦୁଝରର ଜିଲ୍ଲା ଯୋଡା ପୌୟରପାଳିକା ସିନେମା ହଲ୍ ପାଖ ୟୁନିଅନ ବ୍ୟାଙ୍କ୍ ସମ୍ମୁଖ ରେ ଫ୍ଲାଏ ଓଭର ତଳେ ଠିଆ ହୋଇ ଥିବା ଏକ ପିଆଜ ବୋଝେଇ ଟ୍ରକ ରେ ଦୁବୃର୍ତ୍ତ ମାନେ ପ୍ରାୟ ରାତି ଦୁଇଟା ଭିରେ ନିଆଁ ଲଗାଇ ଦେଇଥିବାର ଅନୁମାନ କରା ଯାଉଛି । ଖବର ନେବାରୁ ଜଣାପଡିଛି ଯେ, ଟ୍ରକ୍ ନଂ ଏମ ଏଚ୍ ବିଜି ୭୭୯୪ ରେ ପିଆଜ ବୋଝେଇ ହୋଇ ମହାରାଷ୍ଟ୍ର ରୁ ଯୋଡା କୁ ଆସିଥିଲା ।ଏହି ଟ୍ରକ୍ କୁ ଯୋଡା ସିନେମା ହଲ୍ ପାଖ ୟୁନିଅନ ବ୍ୟାଙ୍କ୍ ସମ୍ମୁଖ ଫ୍ଲାଏ ଓଭର ତଳେ ଗାଡି ମାଲିକ ଓ ଖଲାସୀ ଠିଆ କରି ଗୟଡି ଭିତରେ ହିଁ ସେମାନେ ଶୋଇ ପଡ଼ିଥିଲେ ।ତେବେ ଦୁବୃର୍ତ୍ତ ମାନେ ରାତି ପ୍ରାୟ ରାତି ଦୁଇଟା ଭିତରେ ଟ୍ରକ୍ ର ପଛ ପାର୍ଶ୍ୱରେ ନିଆଁ ଲଗାଇ ଦେଇ ଥିଲେ ।ଫଳରେ ଟ୍ରକ୍ ର ତିନୋଟି ଟାୟାର ପୋଡ଼ି ଯାଇ ଥିଲା ୟତେବେ ଭିତରେ ଥିବା ଡ୍ରାଇଭର ଓ ଖଲାସୀ ଏକ ଆସନ୍ତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିବା ବେଳେ ଟ୍ରକ୍ ର କିଛି ଅଂଶ କ୍ଷତି ଘଟିଥିବା ଦେଖିବାକୁ ମିଳିଛି ୟଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇ ଅଗ୍ନିଶମ ବାହିନୀକୁ ଘଟଣାସ୍ଥଳ ରେ ପହଂଚି ନିଆଁ କୁ ନିୟନ୍ତ୍ରଣ କରିଥିଲେ ।ଏହି ଅଗ୍ନିକାଣ୍ଡ ଘଟିବା ପରେ କିଛି ସମୟ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଏକ ଭୟ ର ବାତାବରଣ ସୃଷ୍ଟି ହୋଇଥିଲା ୟଯୋଡା ପୋଲିସ ଏହି ଘଟଣା ର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ବିନା ଡାକ୍ତର ରେ ଚାଲୁଛି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

ଥୁଆମୂଳ ରାମପୁର ଭଳି ଆଦିବାସୀ ଅଧୁଷିତ ଦୁର୍ଗମ ଅଞ୍ଚଳ ର ସରଳତା ଦେଖି ମେଡିକାଲ ଅଫିସର ଦୁଇ ଜଣ, ଫୋରମକ୍ଷଶିଟ, ଜି ଏନ. ଏମ, କାର୍ଯ୍ୟ ଅବହେଳା କରିବା ଅଭିଯୋଗ ହେଉଛି । ବାରମ୍ବାର ଅଭିଯୋଗ ପରେ ବି କିଛି ସୁଫଳ ନ ମିଳିବା ଦୁଃଖ ର ବିଷୟ କିନ୍ତୁ ଏହାକୁ ଜାଣି ଶୁଣି ଓ. ଭା.ସଂସ୍ଥା କିଛି ଦୃଷ୍ଟି ଦେଉନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଏଥିରେ ପୁରୁଣା ଔଷଧ ଗୁଡିକ ଦେଉଛନ୍ତି ସତ ପୁଣି ଅଧିକ ଔଷଧ କିଣିବାକୁ କହୁଛନ୍ତି ଡାକ୍ତର ବାବୁ । ୪ଜଣ ମେଡିକାଲ କର୍ମଚାରୀ ଟ୍ରେନିଙ୍ଗ ଗଲେ ସତ ହେଲେ ଷ୍ଟାପ ନର୍ସ କେମିତି ଡାକ୍ତର ଭଳି ଶହ ଶହ ରୋଗୀ ମାନଙ୍କ ଚିକିତ୍ସା କରୁଥିଲେ ତାହା କୁ ନେଇ ଏକ ବଡ଼ ପ୍ରଶ୍ନ? ପୁଣି ଏହି ଆରୋଗ୍ୟ କେନ୍ଦ୍ରରେ କିଛି ଅଶିକ୍ଷିତ ଲୋକଙ୍କୁ ନ୍ୟୁକ୍ତି ପାଇ ଥିବା ଅଞ୍ଚଳ ବାସୀ ପ୍ରକାଶ କରିଥିଲେ । ନିରୀହ ଗରିବ ଲୋକଙ୍କୁ କିଛି ଲେଖି ଦେଇ ଔଷଧ କିଣି ଆଣିବାକୁ ଡାକ୍ତର କହୁଛି ପୁଣି ଯେଉଁ ଔଷଧ ଓଡିଶା ସରକାର ବିକ୍ରୟ ପାଇ ନୁହେଁ ବୋଲି ଲେଖା ଥିବା ଔଷଧ ଦୋକାନ ରେ ବି ମିଳୁଥିବା ଜଣାପଡୁଛି । ଏହାର ତମାମ କୁ ଉଚ୍ଚ ପଦାଧିକାରୀ ସଠିକ ତଦନ୍ତ କରି ତୁରନ୍ତ କାଯ୍ୟନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।




# ୨ ଦଫା ଦାବି ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ବିକ୍ଷୋଭ



ରାଇରଙ୍ଗପୁର(ମହାଭାରତ): କାଳବୈଶାଖୀ ପ୍ରଭାବ ତଥା ଦୈବୀ ଦୁର୍ବିପାକରେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ବ୍ଲକର ୧୮ ଟି ଗ୍ରାମ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବହୁ କ୍ଷୟକ୍ଷତି ଘଟିଯାଇଛି ।ବହୁ ପରିବାର ବାସହରା ହୋଇ ପଡିଛନ୍ତି । ସେମାନଙ୍କ ଖାଦ୍ୟ, ବସ୍ତ୍ର,ଶେଜ,ଧାନ,ଚାଉଳ , ଆସବାବପତ୍ର ନଷ୍ଟ ହୋଇଯିଇଛି ।ସେହି ପିଡିତ ପରିବାର ତଥା ବାସହରା ଲୋକଙ୍କୁ ତୁରନ୍ତ ନୂତନ ଆବାସ ଯୋଜନା ସହ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଇରଙ୍ଗପୁର ରେ ବିକ୍ଷୋଭ ପାଇଁ ଡାକରା ଦେଇଥିଲେ ।ପିଡିତ ଆଦିବାସୀ ମାନେ ଏଥିରେ ଯୋଗ ଦେଇଥିଲେ ଯପ୍ରାରମ୍ଭରେ ପଣ୍ଡିତ ରଘୁନାଥ ମୁର୍ମୁ ଛକରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।ଦୁଇ ଦଫା ଦାବି ତଥା କାଳବୈଶାଖୀ ପ୍ରଭାବିତ ଲୋକଙ୍କୁ ୧୫ ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ବିକାଶ ନାମରେ ଦାଣ୍ଡୋଷ ଏବଂ କଲେଜ ଛକରେ ର୍ଦିଘବର୍ଷ ଧରି ରହିଥିବା ଲୋକଙ୍କୁ ଉଚ୍ଛେଦ କରାଯାଇଥିବାରୁ ସେମାନଙ୍କୁ ତୁରନ୍ତ ଥଇଥାନ,ଆବାସ ଗୃହ ଯୋଗାଇବା,କ୍ଷୟକ୍ଷତିପୂରଣ ପାଇଁ ଦାବି କରିଥିଲେ ।ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ ।ପ୍ରଶାସନ ଯଦି ଅଣଦେଖା କରେ ତେବେ ଆଗାମୀ ଦିନରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ଏବଂ କିଛି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି କହିଥିଲେ ।ଏହି ବିକ୍ଷୋଭରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା କେନ୍ଦ୍ରୀୟ କମିଟି ସଦସ୍ୟ ସାଲୁ କିସ୍କୁ, ଜିଲ୍ଲା ସଭାପତି କୃଷ୍ଣ ଦାସ,ଓଡ଼ିଶା ପ୍ରଭାରୀ ଦୁବରାଜ ନାଗ,ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆ, ବରିଷ୍ଠ ଜେଏମଏମ ନେତା ସୁନୀଲ ମାଝୀ,ଜିଲ୍ଲା ପରିଷଦ ସଦସ୍ୟା ବିଦୁସ୍ମିତା ଦେଓ, ଜିଲ୍ଲା ପରିଷଦ ସଦସ୍ୟ ଶିତଲ କିସ୍କୁ, ଜିଲ୍ଲା ପରିଷଦ ସଦସ୍ୟା ମିନା ସୋରେନ, ମୁଖପାତ୍ର ସନ୍ତୋଷ ମୁର୍ମୁ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ସମଲ ବ୍ୟାରେଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ବେଟି ବଚାଓ, ବେଟି ପାଓ କାର୍ଯ୍ୟକ୍ରମ ଅନୁଷ୍ଠିତ



ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲାର କଣିହାଁ ବ୍ଲକର ସମଲ ବ୍ୟାରେଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ବେଟି ବଚାଓ, ବେଟି ପାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ରଞ୍ଜନ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ବୁଦ୍ଧିମନ୍ତ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଫଳାଫଳ ପ୍ରକାଶ ପାଇଥିଲା । ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ବିଷୟ ବସ୍ତୁ ଥିଲା କି ସମାଜରେ ବେଟି, ଅର୍ଥାତ ଝିଅ ମାନେ ଅବହେଳିତ, ତେଣୁ ଝିଅ ମାନଙ୍କୁ ଉତ୍ସାହ କରିବା ପାଇଁ ଏକ ନାଟକ ବେଟି ବଚାଓ, ବେଟି ପାଓ ସ୍କୁଲର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ପ୍ରଥମେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତାଙ୍କ ବକ୍ତବ୍ୟରେ କହିଥିଲେ କି ସମାଜରେ ପୁଅ ଝିଅ ସବୁ ସମାନ । ତେଣୁ ଝିଅ ମାନଙ୍କୁ ଉତ୍ସାହ କରି ନିୟମିତ ସ୍କୁଲ ଆସିବାକୁ ପରାମର୍ଶ ଦେଇଥିଲେ । ଛୋଟ ବୟସରେ ମୋବାଇଲି ନ ଧରି ପାଠ ପାରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । କାରଣ କୋମଳ ମତି ପିଲାମାନେ ମୋବାଇଲି ବ୍ୟବହାର ଦ୍ୱାରା ଶ୍ରବଣ ଶକ୍ତି ନଷ୍ଟ ଓ ମସ୍ତିଷ୍କରେ ଚାପ ପଡିଥାଏ ତେଣୁ ନିୟମିତ ସ୍କୁଲ ଆସିବା ସହିତ ଘରେ ଅଭିଭାବକ ପାଠ ପଢ଼ା ପ୍ରତି ଧ୍ୟାନ ଦିଅନ୍ତୁ ବୋଲି ପ୍ରଧାନ ଶିକ୍ଷକ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ବୁଦ୍ଧିମନ୍ତ ସାହୁ କହିଥିଲେ କି ଝିଅମାନେ ପୁଅ ଠାରୁ କମ ନୁହଁନ୍ତି । ସମସ୍ତ ଅଭିଭାବକଙ୍କୁ କହିଥିଲେ କି ପୁଅ ସହିତ ଝିଅ ମାନଙ୍କୁ ମଧ ପ୍ରତିଦିନ ବିଦ୍ୟାଳୟ ପଠାନ୍ତୁ । ଆଜିର ଯୁଗରେ ଝିଅ ମଧ ମହାକାଶ ଯାତ୍ରା କରି ସଫଳତାର ସହ ପୃଥିବୀ ପୃଷ୍ଟକୁ ଫେରି ଆସିପାରୁଛନ୍ତି । ସଭା ପରେ ବେଟି ବଚାଓ, ବେଟି ପାଓ ନାଟକ ଅନୁଷ୍ଠିତ ହୋଇଥିଲା । ପରିଶେଷରେ ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟି ସଭାପତି ବୁଦ୍ଧିମନ୍ତ ସାହୁ ପିଲାମାନଙ୍କୁ ବାର୍ଷିକ ପରୀକ୍ଷାର ପ୍ରଗତି ପତ୍ର ପ୍ରଦାନ କରିଥିଲେ । ଆସନ୍ତା ଉତ୍କଳ ଦିବସ ଓ ବିଦ୍ୟାଳୟ ପ୍ରବେଶ, ଖଡ଼ି ଛୁଆଁ କାର୍ଯ୍ୟକ୍ରମର ପ୍ରସ୍ତୁତି ବିଷୟରେ ମଧ ଆଲୋଚନା ହୋଇଥିଲା । ଶେଷରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ସହିତ ଅଭିଭାବକ /ଅଭିଭାବିକା ମାନଙ୍କୁ ମଧ୍ୟ ଧନ୍ୟବାଦ ଦେଇ ସଭା ସମାପ୍ତ କରାଗଲା ।

## ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ରାଜସ୍ୱ ନିରୀକ୍ଷକ




କନ୍ଧମାଳ :(ମହାଭାରତ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ ରାଜସ୍ୱ ନିରୀକ୍ଷକ ଓ ଧରା ପଡ଼ିଥିବା ରାଜସ୍ୱ ନିରୀକ୍ଷକ ଜଣକ ହେଉଛନ୍ତି ଦେବାଶିଷ ନାଏକ । ସେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ତହସିଲ ଅଧୀନରେ ଥିବା କ୍ରାଣ୍ଡିବାଲି ରାଜସ୍ୱ ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିଲେ । ଫିରିଙ୍ଗିଆ ବ୍ଲକ ପାହିରେଜୁ ପଞ୍ଚାୟତ ଅଧୀନରେ ଥିବା କୁସ୍ମାଜୁ ଗାଁର ସୁଦର୍ଶନ କହଁର ଆବାସ ଯୋଜନାରେ ରାଜ୍ୟ ସରକାରଙ୍କ ତରଫରୁ ପାଇଥିବା ଗୃହ ନିର୍ମାଣ ପାଇଁ ଇଟା ଭାଟି କରିଥିଲେ ଓ ସମ୍ପୃକ୍ତ ଆରଆଇ ଜଣକ ଏହି ଇଟାଭାଟି ବେଆଇନ ଭାବରେ କରିଛ କହି ଧମକଚମକ ଦେଇଥିଲେ । ପରେ ସାତ ହଜାର ଟଙ୍କା ଦେଲେ କିଛି ହବନି କହି ଲା□ ମାଗିଥିଲେ । ଏହି ଘଟଣାକୁ ନେଇ ସୁଦର୍ଶନ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଯୋଜନା ମୁତାବକ ଫୁଲବାଣୀ ଭିଜିଲାନ୍ସ ଡ଼ିଏସପି ହେମନ୍ତ କୁମାର ମହାନ୍ତିଙ୍କ ସହ ଏକ ଟିମ ପ୍ରସ୍ତୁତ ହୋଇ କ୍ରାଣ୍ଡିବାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଜଗି ରହିଥିଲେ। ରାଜସ୍ୱ ନିରୀକ୍ଷକ ଜଣକ ସୁଦର୍ଶନଙ୍କ ଠାରୁ ସାତ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ ମାଡି ବସିଥିଲେ ।ଅଧିକ ପଚରା ଉଚୁରା ପାଇଁ ପ୍ରଥମେ ତାଙ୍କୁ ଫିରିଙ୍ଗିଆ ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରୁ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ପଚରାଉଚୁରା କରାଯାଉଥିବା ବିଭାଗ ତରଫରୁ ସୂଚନା ମିଳିଛି ।

## ଜିଲ୍ଲାସ୍ତରୀୟ ସଚେତନତା କରମଶାଳା ଆରୋଗ୍ୟ ପ୍ରାପ୍ତ କୁଷ୍ଟ ରୋଗୀଙ୍କ ପୁନର୍ବାସ ଯୋଜନା

ଗଜପତି(ମହାଭାରତ): ଆଜି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଗଜପତି ଦ୍ୱାରା ଜିଲ୍ଲା ସ୍ତରୀୟ ଆରୋଗ୍ୟପ୍ରାପ୍ତ କୁଷ୍ଟରୋଗୀଙ୍କ ପୁନର୍ବାସ ନିମନ୍ତେ ଥିବା ବିଭିନ୍ନ ଯୋଜନା ଗୁଡିକର ର ଏକ ସଚେତନତା କାର୍ମଶାଳା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହେଇଯାଇଛି ।ଉକ୍ତ କର୍ମଶାଳାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ଅଧକ୍ଷାତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଶଙ୍କର କେରକେଟା ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ,ଗଜପତି, ଡଃ.ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ,ଗଜପତି, ଶ୍ରୀ ରବି ନାରାୟଣ ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଗଜପତି, ଡଃ.ଇନ୍ଦିରା କୁମାରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଟରୋଗ),ଗଜପତି, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେୟ ଶ୍ରୀଯୁକ୍ତ ସନ୍ତୋଷ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ।

## ପାର୍କିଙ୍ଗ ବ୍ୟବସ୍ଥା ଥାଇ ସୁଦ୍ଧା ବଜାରର ମୁଖ୍ୟ ରାସ୍ତା ମଝିରେ ଦୁଇ ଚକିଆ ଯାନର ପାର୍କିଙ୍ଗ ବ୍ୟବସ୍ଥା,

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ମୁଖ୍ୟ ବଜାରକୁ ଯିବା ରାସ୍ତାରେ ଦୀର୍ଘ ଦିନ ହେଲା ଦୁଇ ଚକିଆ ଯାନର ପର୍କିଙ୍ଗ ବ୍ୟବସ୍ଥା କରାଯାଇଛି। ପୋର ପରିଷଦ ପକ୍ଷରୁ ପର୍କିଙ୍ଗ ବ୍ୟବସ୍ଥା ଥାଇ ସୁଦ୍ଧା ମୁଖ୍ୟ ରାସ୍ତା ମଝିରେ ପର୍କିଙ୍ଗ କରାଯାଉଛି ।ଯାହା ଫଳରେ ଟ୍ରାଫିକ ସମସ୍ୟା ଉପୁଜିବା ସହ ସାଧାରଣ ଜନତା ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତ ।ନା ଏଥି ପ୍ରତି ପୋର ପରିଷଦ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦିଆଯାଉ ନାହିଁ ।ଯାହା ଫଳରେ ସାଧାରଣ ଜନତା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ଏହି ବିଷୟ ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ କଲେ ମଧ ପୋର ପରିଷଦ ଟିକସ ଆଦାୟ ରେ ବାଉଳାୟସବୁ ଜାଣି ନିଦା ବିଷ୍ଣୁ ପାଲଟିଛି ପୋର ପରିଷଦ ।ତେଣୁ ନୂତନ ସରକାର ଲୋକଙ୍କ ସରକାର ମୋହନ ସରକାରଙ୍କ ଶୁଭ ଦୃଷ୍ଟି ପଡିଲେ ଜନ ସାଧାରଣ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।



## ନବରଙ୍ଗପୁର୍ ଠାରେ ସହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ



ନବରଙ୍ଗପୁର(ମହାଭାରତ): ଆଜି ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ପୂଜ୍ୟପୂଜା ସହ ସ୍ମୃତି ସଭା,ପୁରସ୍କାର ବିତରଣ ଉତ୍ସବରେ ସହିଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ସ୍ମୃତିଚାରଣ ପୂର୍ବକ ପାଳିତ ହୋଇଯାଇଛି । ସକାଳ ୯.୦୦ ଘ ସମୟରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ତିରୋଧାନ ଦିବସ ପାଳନ ସଭାରେ ସାହିତ୍ୟିକ ବିଜୟ ଚୌଧୁରୀ, ମୁଖ୍ୟ ବକ୍ତା ଡ ବିଜୟ ମିଶ୍ର,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର,ସହକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ୍ ଲାଲ୍ ନାୟକ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା,ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ,ନବରଙ୍ଗପୁର ମହାବିଦ୍ୟାଳୟ ଉପାଧକ୍ଷ ସଂଗୀତା ତ୍ରିପାଠୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଦ୍ରୌପଦୀ କହଁର ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୂଜ୍ୟପୂଜା କରିଥିଲେୟ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ର ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ସହର ର ବୁଦ୍ଧିଜୀବୀ,ଗଣ ମାଧମ ପ୍ରତିନିଧି ଯୋଗ ଦେଇ ମହାନ୍ ବିପ୍ଳବୀ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ପ୍ରାରମ୍ଭ ରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଓ ସଂଗ୍ରାମ ଉପରେ ସମ୍ୟକ୍ ସୁଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ସଭା ପରିଚାଳନା କରିଥିଲେ। ସ୍ମୃତିସଭାରେ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠ ସହ ବିଭିନ୍ନ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ସହ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ ।ଅତିଥି ଗଣ ନିଜ ବକ୍ତବ୍ୟରେ ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ,ସ୍ୱାଧୀନତାସଂଗ୍ରାମରେ ନେତୃତ୍ୱ,ସାହସିକତା,ସାମାଜିକ ନ୍ୟାୟ ,ଜାତିପ୍ରିତି ,ଦେଶପ୍ରେମକୁ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଉପସ୍ଥିତ ଛାତ୍ର ଛାତ୍ରୀ ଙ୍କୁ ଆହ୍ୱାନ କରିଥିଲେ। ସହିଦ ଲକ୍ଷଣ ନାୟକଙ୍କ ଜୀବନୀ ସଂପର୍କିତ ଉଚ୍ଚ ପ୍ରାଥମିକ ସ୍ତରରେ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ ।ତିରୋଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଦିଲ୍ଲୀପ କୁମାର ମଲ୍ଲିକ,ବନମାଳୀ ଗୋଛି, ନୀଳକଣ୍ଠ ନାୟକ, ବିଘ୍ନରାଜ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଶୁଭ ସମ୍ବାଦ ମହୋତ୍ସବ-୨୦୨୫ ଅନୁଷ୍ଠିତ




ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ା ମିନି ଷ୍ଟାଡିୟମ ଠାରେ ଶୁଭ ସମ୍ବାଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ପୂଜାରିଗୁଡ଼ା ଗ୍ରାମ ଖ୍ରୀଷ୍ଟୀୟ ସମାଜ ପକ୍ଷରୁ ଆୟୋଜିତ ଏହି ଶୁଭ ସମ୍ବାଦ ମହୋତ୍ସବ ଦୀର୍ଘ ତିନି ଦିନ ଧରି ଚାଲିଥିବା ବେଳେ ରାୟପୁରରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଅଭିଷିକ୍ତ ଦାସ ଗାନା ଘୁରେ ଏବଂ ସମ୍ବଲପୁରରୁ ସୁବାସ ସାହାଣୀ ଦୁଇ ବକ୍ତା ଯୋଗ ଦେଇଥିଲେ ।ଏହି ଶୁଭ ସମ୍ବାଦ ମହୋତ୍ସବ ଦୀର୍ଘ ତିନି ଦିନ ଚାଲିଥିବା ବେଳେ ଜିଲ୍ଲାରୁ ତଥା ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଖ୍ରୀଷ୍ଟ ବିଶ୍ୱାସୀ ତଥା ବିଜାତି ମାନେ ଏବଂ ଅନେକ ରୋଗୀ ଯୋଗ ଦେଇ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ କୁ ଗ୍ରହଣ କରିଥିବା ଜଣା ପଡ଼ିଛି ।ଅନେକ ବଡ ବଡ ରୋଗୀ ଯୀଶୁଙ୍କୁ ବିଶ୍ୱାସ କରିବା ପରେ ସୁସ୍ଥ ହୋଇଥିବା ବେଳେ ଅନେକ ମନ ପରିବର୍ତ୍ତନ କରିବା ଫଳରେ ଆଶ୍ଚର୍ଯ୍ୟ କାର୍ଯ୍ୟ ଗୁଡ଼ିକ ଦେଖିବାକୁ ମିଳିବା ଥିଲାୟ ଶେଷରେ ସମସ୍ତେ ଆଶୀର୍ବାଦ ପ୍ରାପ୍ତ ହୋଇ ଘରକୁ ଯାଇଥିବା ଭକ୍ତ ମାନେ ପ୍ରଭୁଙ୍କ ଗୁଣ କୀର୍ତ୍ତନ କରିଥଲେ। ତେନ୍ତୁଳିଖୁଣ୍ଟି ବ୍ଲକ୍ କଂଗ୍ରେସ୍ କମିଟି ପକ୍ଷରୁ ମଧ ଏକ ଟିମ୍ ଆସି ବାକ୍ୟ ଶ୍ରବଣ କରି ଆଶୀର୍ବାଦ ପାଇଥିବା କହିଥିଲେ। ଏହି ସଭାରେ ପ୍ରଦୀପ କୁମାର ନାଗ ମଞ୍ଚ ପରିଚାଳନା କରିଥିବା ବେଳେ ସିମିଳିଗୁଡା ଆସିଥିବା ସଲମାନ୍ କୁଲଦୀପ ଆରାଧନା କରିଥିଲେ ।ବିଜୟ କର୍କରା ( ମୁଖିଆ) , ରାଜେନ୍ଦ୍ର କର୍କରା, ମିଖାଇଲ କର୍କରା, ଗାବ୍ରିଏଲ୍ କର୍କରା, ନିରନ୍ କର୍କରା, ଆଦିତ୍ୟ କର୍କରା, ପ୍ରଫୁଲ୍ଲ କର୍କରା, ପାଳକ ଜୀନ କୁମାର, ମସ୍ତରମ୍ ଖୁରା, ସୁମି ସେମିଲି, ଜଗନ୍ତାଥ ସୁନା, ଅନ୍ତ ବାଘ, ତପନ ଟାକ୍ରି, କିଶ୍ୱର ବାଘ, ସିନୁ ଟାକ୍ରୀ,ରୋହନ ଖୁରା, ସନୁ ନାଗ, ରାଜା ସୁନା , ରୁବିୟ ଟାକ୍ରି, ରମେଶ ସୁନା,ବିଳାସିନୀ ସୁନା, କୁମଦିନି କର୍କରା, ନମିତା ବାଘ, ରଶ୍ମି ସୁନା, ଅର୍ପିତା କର୍କରା, ଅବନ୍ତି ସୁନା, ରୁବି ସୁନା, ବେବି ସୁନା, ପମି ବାଘ , ମନ୍ଦାଗିନି ଭତ୍ରା, ପ୍ରିୟତମା ସୁନା, ଲତା ଟାକ୍ରୀ ପ୍ରମୁଖ ଖ୍ରୀଷ୍ଟୀୟ ଯୁବ ସମାଜ ପୂଜାରିଗୁଡାରୁ ତରଫରୁ ସହଯୋଗ କରିଥଲେ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଚୀନ୍ ସବୁଠାରୁ ବଡ଼ ବିପଦ: ଆମେରିକା

**ୱାଶିଂଟନ,୨୯।୩(ଏଜେନ୍ସି):** ଆମେରିକାର ଗୁଇନ୍ଦା ସଂସ୍ଥାର ନୂତନ ରିପୋର୍ଟରେ ସ୍ୱୀକାର କରାଯାଇଛି ଯେ, ଚୀନ୍ ଆମେରିକା ପାଇଁ ସବୁଠାରୁ ବଡ଼ ବିପଦ ପାଲଟିଛି । ରିପୋର୍ଟରେ କୁହାଯାଇଛି, ଚୀନ୍ କେବଳ ଆମେରିକୀୟ ସେନା ପାଇଁ ନୁହେଁ ବରଂ ଆମେରିକାର ସାଇବର ସୁରକ୍ଷା ପାଇଁ ମଧ୍ୟ ଏକ ବଡ଼ ବିପଦ ପାଲଟିଛି । ଏହି ରିପୋର୍ଟରେ, ଆଶଙ୍କା କରାଯାଇଛି, ବେଜିଂ ତାଇୱାନକୁ କବଜା କରିବା ପାଇଁ ନିରନ୍ତର ନିଜର ଶକ୍ତି ବୃଦ୍ଧି କରୁଛି । ଆମେରିକୀୟ ଗୁଇନ୍ଦା ସଂସ୍ଥାର ବାର୍ଷିକ ରିପୋର୍ଟରେ ଚୀନ୍ ବିଷୟରେ ଅନେକ ଚାଞ୍ଚଲ୍ୟକର ଖୁଲାସା ହୋଇଛି । ଏହା ମଧ୍ୟ କୁହାଯାଇଛି, ଚୀନ୍ ପାଖରେ ଏବେ ଏତେ ଶକ୍ତି ଅଛି ଯେ, ସେ ଯେକୌଣସି ସମୟରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଆମେରିକା ଉପରେ ଆକ୍ରମଣ କରିପାରିବ, ଏହା ବ୍ୟତୀତ ଚୀନ୍ ଯେକୌଣସି ସମୟରେ ଆମେରିକା ଉପରେ ସାଇବର ଆକ୍ରମଣ ମଧ୍ୟ କରିପାରେ । ଚୀନ୍ ଏବେ ଆମେରିକାର ଭିତ୍ତିଭୂମି ଏବଂ ଏହାର ମହାକାଶ କ୍ଷମତା ଉପରେ ଆକ୍ରମଣ କରିବାର ଶକ୍ତି ରଖିଛି । ଏହି ରିପୋର୍ଟରେ ଲସ୍କର-ଏ-ତୋଏବାକୁ ଭାରତ ଏବଂ ଆମେରିକା ପାଇଁ ବିପଦ ବୋଲି ଉଲ୍ଲେଖ କରାଯାଇଛି । ଆମେରିକାର ଗୁଇନ୍ଦା ରିପୋର୍ଟରେ କୁହାଯାଇଛି ଯେ, ଚୀନ୍ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି ଏବଂ ଏହା ୨୦୩୦ ସୁଦ୍ଧା ଆମେରିକାକୁ ଶୀର୍ଷ ଏଆଇ ଶକ୍ତିଶାଳୀ ଦେଶ ତାଲିକାରୁ ହଟାଇବାକୁ ସକ୍ଷମ ୟ ମଙ୍ଗଳବାର ପ୍ରକାଶିତ ବିପଦ ମୂଲ୍ୟାଙ୍କନରେ କୁହାଯାଇଛି ଯେ, ରୁଷିଆ, ଇରାନ, ଉତ୍ତର କୋରିଆ ଏବଂ ଚୀନ୍ ଫାଇଦା ହାସଲ କରିବା ପାଇଁ ଆମେରିକାକୁ ଚ୍ୟାଲେଞ୍ଜ କରିବା ପାଇଁ ଜାଣିଶୁଣି ଅଭିଯାନ ଚଳାଇଛନ୍ତି । ଏହା ବ୍ୟତୀତ, ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି, ୟୁକ୍ରେନ ଯୁଦ୍ଧ ଆମେରିକାର ଶତ୍ରୁମାନଙ୍କୁ ପାଶ୍ଚାତ୍ୟ ଦେଶଗୁଡ଼ିକର ଅସ୍ତ୍ରଶସ୍ତ୍ର, ଗୁପ୍ତଚର ଏବଂ ଯୁଦ୍ଧ ପଦ୍ଧତି ବିଷୟରେ ବହୁତ କିଛି ଶିଖାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପସ୍ଥିତିରେ ସିନେଟ୍ ଇଣ୍ଟେଲିଜେନ୍ସ କମିଟି ସମ୍ମୁଖରେ ଗୁଇନ୍ଦା ମୁଖ୍ୟଙ୍କ ସାକ୍ଷ୍ୟ ପୂର୍ବରୁ ପ୍ରକାଶିତ ଏହି ରିପୋର୍ଟରେ କୁହାଯାଇଛି, ଚୀନର



ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) ବିଭ୍ରାନ୍ତିକର ମିଥ୍ୟା ଖବର ସୃଷ୍ଟି କରିବା, ଲୋକଙ୍କୁ ଅନୁକରଣ କରିବା ଏବଂ ଆକ୍ରମଣ ନେଟୱାର୍କ ନିର୍ମାଣ କରିବା ପାଇଁ ବଡ଼ ଭାଷା ମଡେଲ ବ୍ୟବହାର କରିବାକୁ ଯୋଜନା କରୁଛି । ଏହା ମାଧ୍ୟମରେ ଚୀନ୍ ବହୁତ ସହଜରେ ଗୁଜବ ପ୍ରସାର କରିପାରିବ । ଆମେରିକାର ଜାତୀୟ ଗୁପ୍ତଚର ନିର୍ଦ୍ଦେଶକ ତୁଲସୀ ଗବାର୍ଡ କମିଟିକୁ କହିଛନ୍ତି, ଚୀନର ସେନା ପାଖରେ ହାଇପରସୋନିକ୍ ଅସ୍ତ୍ରଶସ୍ତ୍ର, ଗୁପ୍ତ ଯୁଦ୍ଧ ବିମାନ, ଉନ୍ନତ ବୁଡ଼ାଜାହାଜ, ଶକ୍ତିଶାଳୀ ମହାକାଶ ଏବଂ ସାଇବର ଯୁଦ୍ଧ ଉପକରଣ ଏବଂ ପରମାଣୁ ଅସ୍ତ୍ରର ଏକ ବିଶାଳ ଅସ୍ତ୍ରାଗାର ଅଛି । ଏହା ବ୍ୟତୀତ, ଚୀନ୍ ନିଜର ଯୁଦ୍ଧ କ୍ଷମତାକୁ ଆଗକୁ ବଢ଼ାଉଛି । ସେ ବେଜିଂକୁ ୱାଶିଂଟନର ସର୍ବାଧିକ ଦକ୍ଷ ରଣନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବରେ ବର୍ଣ୍ଣନା କରିଛନ୍ତି । ରିପୋର୍ଟରେ କୁହାଯାଇଛି, ଆମେରିକାକୁ ଶୀର୍ଷ ସ୍ଥାନରୁ ହଟାଇବା ଲକ୍ଷ୍ୟରେ ଚୀନ୍ ୨୦୩୦ ସୁଦ୍ଧା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏଆଇ ନେଟୱାର୍କ ନିର୍ମାଣ କରିବାକୁ ଯୋଜନା କରୁଛି । ସିଆଇଏ ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ ସିନେଟ୍ କମିଟିକୁ କହିଛନ୍ତି ଯେ, ଆମେରିକାକୁ ଫେଣ୍ଟାନିଲ୍ ଯୋଗାଣ ବନ୍ଦ କରିବା ପାଇଁ ଚୀନ୍ କୌଣସି ବିଶେଷ ପଦକ୍ଷେପ ନେଇନାହିଁ । ଏହି କାରଣରୁ, ଡୋନାଲ୍ଡ ଟ୍ରମ୍ପ୍ ଆମେରିକା ଉପରେ ଶୁଳ୍କ ୨୦ ପ୍ରତିଶତ ବୃଦ୍ଧି କରିଛନ୍ତି । ଯଦିଓ ଚୀନ୍ ଆମେରିକାକୁ ଫେଣ୍ଟାନିଲ୍ ପଠାଇବାକୁ ଅସ୍ୱୀକାରସେହି ସମୟରେ, ବାର୍ଷିକ ବିପଦ ମୂଲ୍ୟାଙ୍କନ ରିପୋର୍ଟ (ଏଟିଏ)ରେ, ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଏବାକୁ ମଧ୍ୟ ଆମେରିକା ପାଇଁ ଚିନ୍ତାର ବିଷୟ ଭାବରେ ବର୍ଣ୍ଣନା କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ଆତଙ୍କବାଦୀ ସଂଗଠନର ଅଲ-କାଏଦା ସହିତ ଐତିହାସିକ ସମ୍ପର୍କ ରହିଛି, ଯାହା ୯/୧୧ ଆତଙ୍କବାଦୀ ଆକ୍ରମଣ ପଛରେ ଥିଲା । ରିପୋର୍ଟରେ କୁହାଯାଇଛି, ଦକ୍ଷିଣ ଏସିଆରେ, ତେହରିକ-ଇ-ତାଲିବାନ (ଟିଟିପି) ଆତଙ୍କବାଦ ବିରୋଧୀ ଉଦ୍ଦେଶ୍ୟ ପାଇଁ ପାକିସ୍ତାନ ସରକାରଙ୍କୁ ଟାର୍ଗେଟ କରି ଆକ୍ରମଣ କରିଛି । ତଥାପି, ଟିଟିପିର କ୍ଷମତା, ଅଲ-କାଏଦା ସହିତ ଐତିହାସିକ ସମ୍ପର୍କ ଏବଂ ଯୁକ୍ତରାଷ୍ଟ୍ରକୁ ଟାର୍ଗେଟ କରିବାର କ୍ଷମତା ଆମକୁ ଏହା ସୃଷ୍ଟି କରୁଥିବା ସମ୍ଭାବ୍ୟ ବିପଦ ବିଷୟରେ ଚିନ୍ତିତ କରିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଲସ୍କର-ଏ-ତୋଏବା ସମେତ ଭାରତ ବିରୋଧୀ ଗୋଷ୍ଠୀଗୁଡ଼ିକ ମଧ୍ୟ ସମାନ ଭାବରେ ଆମକୁ ଚିନ୍ତିତ କରୁଛନ୍ତି । କାରଣ ସେମାନଙ୍କର ଅଲ-କାଏଦା ସହିତ ନିବିଡ଼ ସମ୍ପର୍କ ରହିଛ ।

# ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦରେ ସାମିଲ୍ ହେଲେ ପୂର୍ବତନ ଇଡି ମୁଖ୍ୟ

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ବୁଧବାର ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ (ଇଏସି-ପିଏମ୍)ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ପୂର୍ବତନ ମୁଖ୍ୟ ସଞ୍ଜୟ କୁମାର ମିଶ୍ରଙ୍କୁ ସାମିଲ୍ କରାଯାଇଛି । ଉତ୍ତର ପ୍ରଦେଶର ୧୯୮୪ ମସିହା ବ୍ୟାଚର ଭାରତୀୟ ରାଜସ୍ୱ ସେବା (ଆଇଆର୍ଏସ୍) ଅଧିକାରୀ ମିଶ୍ରଙ୍କୁ ସଚିବ ପଦବୀରେ ନିଯୁକ୍ତ କରାଯାଇଥିଲା । ଆପଣଙ୍କ ସୂଚନା ସକାଶେ ଜଣାଇ ଦେଉଛୁ ଯେ ଇଏସି-ପିଏମ୍ ହେଉଛି ଏକ ସ୍ୱାଧୀନ ସଂସ୍ଥା । ଯାହା ପ୍ରଧାନମନ୍ତ୍ରୀଙ୍କୁ ଅର୍ଥନୈତିକ ପ୍ରସଙ୍ଗରେ ପରାମର୍ଶ ଦେବାର ଦାୟିତ୍ୱ ବହନ କରେ ।୨୦୧୮ରେ ପ୍ରଥମେ ଇଡି ମୁଖ୍ୟ ଭାବରେ ନିଯୁକ୍ତ ହୋଇଥିବା ମିଶ୍ରଙ୍କୁ ଏଜେନ୍ସି ନେତୃତ୍ୱ ନେବା ସମୟରେ କେନ୍ଦ୍ର ପକ୍ଷରୁ ଅନେକ ଥର କାର୍ଯ୍ୟକାଳ ବୃଦ୍ଧି କରାଯାଇଥିଲା । ପରେ ସୁପ୍ରିମକୋର୍ଟ ତୃତୀୟ ଏବଂ ଶେଷ କାର୍ଯ୍ୟକାଳ ବୃଦ୍ଧିକୁ ଅବୈଧ ଘୋଷଣା କରିଥିଲେ । ମିଶ୍ର ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ



ପି. ଚିଦାମ୍ବରମ, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଶରଦ ପାୱାର, ପୂର୍ବତନ ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି, ବର୍ତ୍ତମାନର ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ପୂର୍ବତନ ପଶ୍ଚିମବଙ୍ଗ ଶିକ୍ଷା ମନ୍ତ୍ରୀ ପାର୍ଥ ଚଟାର୍ଜୀଙ୍କ ବିରୋଧରେ ତଦନ୍ତ ସମେତ ଅନେକ ହାଇ-ପ୍ରୋଫାଇଲ୍ ମାମଲାର ତଦାରଖ କରିଥିଲେ । ୨୦୨୪ ମସିହା ନଭେମ୍ବର ୧ ତାରିଖରେ ପରିଷଦର ପୂର୍ବତନ ଅଧ୍ୟକ୍ଷ ବିବେକ ଦେବରୟଙ୍କ ମୃତ୍ୟୁହେବା ପରେ ଏହି ନିଯୁକ୍ତି ଦିଆଯାଇଛି ।

# ରାହୁଲଙ୍କୁ 'ନମୁନା' କହିଲେ ଯୋଗୀ

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଅଲଦିତ୍ୟନାଥ ରାହୁଲଙ୍କୁ ନମୁନା ବୋଲି କହିବା ସହ, ଭାରତୀୟ ରାଜନୀତିରେ ଏବଂ ଭାରତୀୟ ଜନତା ପାର୍ଟିରେ ରାହୁଲଙ୍କ ପରି କିଛି ନମୁନା ରହିବା ଦରକାର ବୋଲି କହିଛନ୍ତି ଯୋଗୀ



ଆଦିତ୍ୟନାଥ । ଏକ ଜାତୀୟ ଖବର ସରବରାହ ସଂସ୍ଥାକୁ ଇଣ୍ଟରଭ୍ୟୁ ଦେଇ ଯୋଗୀ ଭାରତ ଯୋଡୋ ଯାତ୍ରାକୁ ଟାର୍ଗେଟ୍ କରିଛନ୍ତି । ସେ କହିଛନ୍ତି, ଲୋକମାନେ ଏହି ଯାତ୍ରାକୁ ଭାରତ ତୋଡୋ ଯାତ୍ରା ଜାଣିବା ପରେ, ଏହାକୁ ଖାରଜ କରିଛନ୍ତି । ଭାରତ ଯୋଡୋ ଯାତ୍ରା, ଭାରତ ତୋଡୋ ଅଭିଯାନର ଅଂଶ ଥିଲା। ସେ ଭାରତ ବିଷୟରେ ଭାରତ ବାହାରେ ଆଲୋଚନା କରୁଛନ୍ତି । ତେଣୁ ଦେଶ ତାଙ୍କର ଏହି ସ୍ୱଭାବ ଏବଂ ଉଦ୍ଦେଶ୍ୟକୁ ବୁଝିସାରିଛି ।ତେବେ ଭାରତୀୟ ଜନତା ପାର୍ଟି ପାଇଁ ରାହୁଲ ଗାନ୍ଧୀଙ୍କ ପରି କିଛି ନମୁନା ରହିବା ଆବଶ୍ୟକ ବୋଲି କହିଛନ୍ତି ଯୋଗୀ । ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ବୟାନ ଉପରେ କଂଗ୍ରେସ ଅସନ୍ତୋଷ ପ୍ରକାଶ କରିଛି । ୟୁପି କଂଗ୍ରେସ ସଭାପତି ଅଜୟ ରାୟ କହିଛନ୍ତି, ଯଦି ଆମେ ସବୁଠାରୁ ବଡ଼ ନମୁନା ଦେଖିବା, ତେବେ ସେ ହେଉଛନ୍ତି ଯୋଗୀ । ଯୋଗୀଙ୍କ ଠାରୁ ବଡ଼ ନମୁନା ଆଉ କେହି ଅଛି କି ? କେବଳ ମିଛ କହିବା ଏବଂ ବାରମ୍ବାର ମିଛ କହିବା... ଲୋକଙ୍କ ଭିତରେ ହିନ୍ଦୁ ଏବଂ ମୁସଲମାନମାନଙ୍କ ବିଷୟରେ କହିବା ତାଙ୍କ କାମ । କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ଲୋକଙ୍କ ଭବିଷ୍ୟତକୁ ଭଲ କରିଛନ୍ତି, ଲୋକଙ୍କୁ ଆଗକୁ ନେଇଛନ୍ତି । ଆଜିର ଦିନରେ ଥିବା ସମସ୍ତ ଅନୁଷ୍ଠାନ କଂଗ୍ରେସ ଲୋକଙ୍କ ଦ୍ୱାରା ସୃଷ୍ଟି ହୋଇଛି । ଆଉ ରାହୁଲ ଗାନ୍ଧୀ ହେଉଛନ୍ତି ଦେଶର ସବୁଠାରୁ ଶକ୍ତିଶାଳୀ ଏବଂ ସବୁଠାରୁ ବିଦ୍ୱାନ ନେତା । ସେ ଜଣେ ପ୍ରଗତିଶୀଳ ନେତାୟ ତାଙ୍କର ଚିନ୍ତାଧାରା ହେଉଛି ଦେଶକୁ ଆଗକୁ ନେବା ଏବଂ ଏହାକୁ ସୁଦୃଢ଼ କରିବା ।

# ମୁସଲିମମାନେ ଅଧିକ ରଙ୍ଗୀନ୍ ପୋଷାକ ପିନ୍ଧନ୍ତି, ତେବେ ହୋଲି ଖେଳିବାରେ ଅସୁବିଧା କ'ଣ

**ଲକ୍ଷ୍ନୌ,୨୯।୩(ଏଜେନ୍ସି):** ହୋଲି ସମୟରେ ୟୁପିରେ ଥିବା ମସଜିଦକୁ ଘୋଡାଇ ଦିଆଯିବା ସହ ମୁସଲିମମାନେ ରଙ୍ଗ ଲଗାଇବାକୁ ମନା କରୁଥିବାର ଖବର ଆସିଥିଲା ।ଏହି ସବୁ ଖବରକୁ ନେଇ ଏକ ସାକ୍ଷାତକାରରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କଡ଼ା ମନ୍ତବ୍ୟ ଦେଇଛନ୍ତି । ଯୋଗୀ କହିଛନ୍ତି ଯେ, ମୁସଲମାନମାନେ



ସବୁଠାରୁ ଅଧିକ ରଙ୍ଗୀନ ପୋଷାକ ପିନ୍ଧନ୍ତି । ତେଣୁ ହୋଲି ରଙ୍ଗଠାରୁ ନିଜକୁ ଦୂରାଇବା ସେମାନଙ୍କର ଦୋମୁହାଁ ନୀତି । ହୋଲି ସମୟରେ ମସଜିଦରେ ରଙ୍ଗ ଫିଙ୍ଗିବା ଘଟଣା ଉପରେ ପ୍ରତିକ୍ରିୟା ଦେଇ ଯୋଗୀ କହିଛନ୍ତି ଯେ, ମୁହରମ୍ ଶୋଭାଯାତ୍ରା ପତାକାର ଛାଇ ମନ୍ଦିର କିମ୍ବା ହିନ୍ଦୁ ଘର ଉପରେ ମଧ୍ୟ ପଡ଼ିଥାଏ । ଏହା କ'ଣ ହିନ୍ଦୁ ଘରକୁ ଅପବିତ୍ର କରିଦିଏ ? ହୋଲି ଖେଳିଲେ, ରଙ୍ଗ ନିଶ୍ଚିତ ଭାବରେ ବିଭିନ୍ନ ଦିଗକୁ ଯିବ । ରଙ୍ଗପଡ଼ିଗଲେ ଏହା କାହାର ଅସ୍ତିତ୍ୱକୁ ସମାପ୍ତ କରିଦିଏ ନାହିଁ । ସେମାନେ କ'ଣ ରଙ୍ଗୀନ ପୋଷାକ ପିନ୍ଧନ୍ତି ନାହିଁ? ହିନ୍ଦୁମାନଙ୍କ ତୁଳନାରେ ମୁସଲମାନମାନେ ଅଧିକ ରଙ୍ଗୀନ ପୋଷାକ ପିନ୍ଧନ୍ତି । ତେବେ ରଙ୍ଗକୁ କାହିଁକି ଏତେ ଘୃଣା ? ସେମାନେ ରଙ୍ଗୀନ ପୋଷାକ ପିନ୍ଧନ୍ତି ଏବଂ ଯଦି ସେଗୁଡ଼ିକ ରଙ୍ଗୀନ ହୋଇଯାଏ ତେବେ ସେମାନେ ହଙ୍ଗାମା କରନ୍ତି । ଏମିତି ଅନେକ ମୁସଲମାନ ଅଛନ୍ତି, ଯେଉଁମାନେ ହୋଲି ଖେଳିଛନ୍ତି । ସେ ଆହୁରି କହିଛନ୍ତି ଯେ, ୧୦୦ଟି ହିନ୍ଦୁ ପରିବାର ମଧ୍ୟରେ ଗୋଟିଏ ମୁସଲିମ ପରିବାର ସବୁଠାରୁ ସୁରକ୍ଷିତ, ସେମାନଙ୍କୁ ସେମାନଙ୍କର ସମସ୍ତ ଧାର୍ମିକ କାର୍ଯ୍ୟକଳାପ କରିବାର ସ୍ୱାଧୀନତା ମିଳେ । କିନ୍ତୁ ୧୦୦ଟି ମୁସଲିମ ପରିବାର ମଧ୍ୟରେ ୫୦ ଜଣ ହିନ୍ଦୁ ସୁରକ୍ଷିତ ରହିପାରିବେ କି? ନାୟ ବାଂଲାଦେଶ ଏହାର ଏକ ଉଦାହରଣ । ପୂର୍ବରୁ ପାକିସ୍ତାନ ଏହାର ଏକ ଉଦାହରଣ ଥିଲା, ଆଫଗାନିସ୍ତାନରେ କ'ଣ ଘଟିଥିଲା ? ସମସ୍ତେ ଦେଖିଛନ୍ତି ।

# ହାସ୍ୟାଭିନେତା କୁନାଲ କାମରାଙ୍କୁ ଦ୍ୱିତୀୟ ସମନ ଜାରି

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ଗତ ସପ୍ତାହରେ ମୁମ୍ବାଇର ହାସ୍ୟାଭିନେତା କୁନାଲ କାମରାଙ୍କ ବିବାଦୀୟ ମନ୍ତବ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା । ମୁମ୍ବାଇର ଖାର ପୁଲିସ୍ ଷ୍ଟେସନ ଦ୍ୱିତୀୟ ସମନ ଜାରି କରିଛି ଏବଂ ତାଙ୍କୁ ପଚରାଉଚରା ପାଇଁ ହାଜର ହେବାକୁ କହିଛି । ପୂର୍ବରୁ ମୁମ୍ବାଇ ପୁଲିସ ହାସ୍ୟ ଅଭିନେତା କୁନାଲ କାମରାଙ୍କୁ ସମନ କରିଥିଲା ଏବଂ ମଙ୍ଗଳବାର ସକାଳ ୧୧ଟାରେ ହାଜର ହେବାକୁ କହିଥିଲା । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ



ଏକନାଥ ସିନ୍ଦେଙ୍କ ଉପରେ ତାଙ୍କର 'ବିଶ୍ୱାସଘାତକ' ମନ୍ତବ୍ୟ ଏକ ବ୍ୟାପକ ବିବାଦ ସୃଷ୍ଟି କରିବାର କିଛି ଦିନ ପରେ ତାଙ୍କୁ ଦ୍ୱିତୀୟ ସମନ ଜାରି କରାଯାଇଛି । ଯେତେବେଳେ କାମରା ତାଙ୍କ ଓକିଲଙ୍କ ମାଧ୍ୟମରେ ଗୋଟିଏ ସପ୍ତାହ ସମୟ ମାଗିଥିଲେ, ପୁଲିସ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିଲା । ଖାର ପୁଲିସ ଷ୍ଟେସନରେ ଶିବସେନା ବିଧାୟକ ମୁରଜୀ ପଟେଲଙ୍କ ଅଭିଯୋଗ ଆଧାରରେ କାମରାଙ୍କ ବିରୋଧରେ ଏଫଆଇଆର ରୁଜୁ ହେବା ପରେ ମୁମ୍ବାଇ ପୁଲିସ ଏହି ସମନ ଜାରି କରିଛି । ହାସ୍ୟ ଅଭିନେତାଙ୍କ ବିରୋଧରେ ମାନହାନୀ ଅଭିଯୋଗ ଆସିଛି ଏବଂ ଡୋମ୍ବିଭଲି ପୁଲିସ ଷ୍ଟେସନରେ ମଧ୍ୟ ଏକ ଏଫଆଇଆର ରୁଜୁ ହୋଇଛି । ଉଲ୍ଲେଖଯୋଗ୍ୟ, ନିକଟରେ ହାସ୍ୟ ଅଭିନେତା କାମ୍ରା ହସରେ ହସରେ ବ୍ୟଙ୍ଗ କରି ମହାରାଷ୍ଟ୍ର ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ସମାଲୋଚନ କରିଥିଲେ । ଯାହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା ।

## ଅମରନାଥ ଯାଉଥିବା ଭକ୍ତଙ୍କ ପାଇଁ ଖୁସି ଖବର

# ୧୪ ଏପ୍ରିଲରୁ ପ୍ରି-ରେଜିଷ୍ଟ୍ରେସନ

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ଅମରନାଥ ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ଏକ ଖୁସି ଖବର । ଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଛି ଏବଂ ତାରିଖ ମଧ୍ୟ ପୂର୍ବରୁ ଘୋଷଣା କରାଯାଇଛି । ପ୍ରି-ରେଜିଷ୍ଟ୍ରେସନ ପାଇଁ ତାରିଖ ଘୋଷଣା କରାଯାଇଛି । ଚଳିତ ବର୍ଷ ଜୁଲାଇ ୩ ରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଅଗଷ୍ଟ ୯ ପର୍ଯ୍ୟନ୍ତ ଚାଲିବ । ଏହାର ପ୍ରି-ରେଜିଷ୍ଟ୍ରେସନ ୧୪ ଏପ୍ରିଲରୁ ଆରମ୍ଭ ହେବାକୁ ଯାଉଛି । ବାବା ଅମରନାଥ ମନ୍ଦିର ଦକ୍ଷିଣ କାଶ୍ମୀରରେ ୩,୮୮୦ ମିଟର ଉଚ୍ଚତାରେ ଅବସ୍ଥିତ । ପଞ୍ଜିକରଣ ପାଇଁ ସାରା ଦେଶରେ ବ୍ୟାଙ୍କଗୁଡ଼ିକର ଅଧିକୃତ ଶାଖା ଏବଂ ସ୍ୱାସ୍ଥ୍ୟ ପ୍ରମାଣପତ୍ର ତିଆରି ପାଇଁ ରାଜ୍ୟ ଏବଂ ସେମାନଙ୍କର ହସ୍ପିଟାଲ ଏବଂ ଡାକ୍ତରଙ୍କ ଦଳ ବିଷୟରେ ସୂଚନା ଖୁବ୍ ଶୀଘ୍ର ଦିଆଯିବ । ବାବା ଅମରନାଥ ଧାମ ଯାତ୍ରା ସମ୍ପୂର୍ଣ୍ଣ ୩୮ ଦିନ ଧରି ଚାଲିବ । ଶ୍ରୀ ଅମରନାଥଜୀ ମନ୍ଦିର ବୋର୍ଡ ଭକ୍ତମାନଙ୍କ ପାଇଁ ସୁବିଧା ଏବଂ ନିର୍ଦ୍ଦେଶାବଳୀକୁ



ଚୂଡ଼ାନ୍ତ କରିବାରେ ବ୍ୟସ୍ତ । ଶ୍ରାଇନ୍ ବୋର୍ଡ ପକ୍ଷରୁ କୁହାଯାଇଛି ଯେ ଅମରନାଥ ଆସୁଥିବା ତୀର୍ଥଯାତ୍ରୀମାନେ ଏପ୍ରିଲ ୧୪ ରୁ ପ୍ରି ରେଜିଷ୍ଟ୍ରେସନ କରିପାରିବେ । ଯେଉଁ ତୀର୍ଥଯାତ୍ରୀମାନେ ଦଳବଦ୍ଧ ଭାବରେ ବାବା ଅମରନାଥଙ୍କୁ ଦର୍ଶନ କରିବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ପୃଥକ ନିର୍ଦ୍ଦେଶାବଳୀ ଜାରି କରାଯିବ । ସେ କହିଛନ୍ତି ଯେ ହେଲିକପ୍ଟରରେ ଅମରନାଥ ଧାମ ତୀର୍ଥଯାତ୍ରା ପାଇଁ ବୁକିଂ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ଯାତ୍ରା ଆରମ୍ଭ ହେବାକୁ ଆହୁରି ବହୁତ ସମୟ ଅଛି, ତେଣୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସୂଚନା କ୍ରମାନୁସାରେ ପ୍ରକାଶିତ ହେବ । ଏହା ସହିତ, ବେସ୍ କ୍ୟାମ୍ପଗୁଡ଼ିକରେ ଥିବା ଆବାସିକ ସୁବିଧା ବିଷୟରେ ମଧ୍ୟ ସୂଚନା ଦିଆଯିବ । ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ବର୍ଷ ଅମରନାଥ ଧାମ ଯାତ୍ରା ଜୁଲାଇ ୩ ରେ ଅନନ୍ତନାଗ ଜିଲ୍ଲାର ପହଲଗାମ ରୁଟ୍ ଏବଂ ଗଣ୍ଡେରବଲ ଜିଲ୍ଲାର ବାଲତାଲ ରୁଟ୍ - ଉଭୟ ରୁଟ୍ ଦେଇ ଏକକାଳୀନ ଆରମ୍ଭ ହେବ ।

# ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ପୁଣିଥରେ ହେବ ତଦନ୍ତ

**ନୂଆଦିଲ୍ଲୀ,୨୯।୩(ଏଜେନ୍ସି):** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ମୃତ୍ୟୁ ମାମଲାରେ ପୁଣିଥରେ ତଦନ୍ତ ଆରମ୍ଭ କରିବେ ମହାରାଷ୍ଟ୍ର ସରକାର । ବିଜେପି ବିଧାୟକ ରାମ କଦମ ଏହି ସୂଚନା ଦେଇଛନ୍ତି, କହିଛନ୍ତି ଯେ ମହାରାଷ୍ଟ୍ର ସରକାର ନିଷ୍ପତ୍ତି ନେଇଛନ୍ତି, ସୁଶାନ୍ତ ସିଂହ ରାଜପୁତ ମାମଲାର ପୁଣି ଥରେ ସ୍ୱତନ୍ତ୍ର ତଦନ୍ତ ଦଳ (SIT) ତଦନ୍ତ କରିବ । ନ୍ୟୁଜ ଏଜେନ୍ସି ANI ସହ ଆଲୋଚନାରେ ସେ ଏହା କହିଛନ୍ତି । ବିଜେପି ବିଧାୟକ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଉଦ୍ଧବ ଠାକରେ ସରକାର ୬୮ ଦିନ ପର୍ଯ୍ୟନ୍ତ ମାମଲାକୁ ସିବିଆଇକୁ ହସ୍ତାନ୍ତର କରି ନଥିଲେ । ଏହାକୁ କେବେ ହସ୍ତାନ୍ତର କରାଯାଇଥିଲା ? ଯେତେବେଳେ ତାଙ୍କ ଘରର ଫର୍ଣ୍ଣିଚର କାଢ଼ିଦିଆଗଲା, ଘରଟି ରଙ୍ଗ କରାଗଲା, ଆଉ ସେହି ଘରଟିକୁ ପୁରୁଣା ମାଲିକଙ୍କୁ ହସ୍ତାନ୍ତର କରାଗଲା । ବିହାରରୁ ପୋଲିସ ଆସୁଥିଲା, ହେଲେ ସେମାନଙ୍କୁ ତଦନ୍ତ କରିବାକୁ ଅନୁମତି ଦିଆଗଲା ନାହିଁ । ଯେତେବେଳେ ଆପଣ ଏହି ସମସ୍ତ ପଏଣ୍ଟ ଗୁଡ଼ିକୁ ଏକାଠି କରନ୍ତି, ଏହା ସ୍ପଷ୍ଟ ହେଉଛି କି, ଯେ ଉଦ୍ଧବ ଠାକରେଙ୍କ ସରକାର ପ୍ରମାଣ ନଷ୍ଟ କରିବାର ଦୁଃସାହସ କରିଥିଲା । ଏହି ମାମଲାରେ



ସିବିଆଇ ନିକଟରେ ଏକ କ୍ଲୋଜର ରିପୋର୍ଟ ଦାଖଲ କରିଛି । ଏଥିରେ କୁହାଯାଇଛି ଯେ,ଅଭିନେତାଙ୍କ ମୃତ୍ୟୁର କାରଣ ଆତ୍ମହତ୍ୟା ଥିଲା ଏବଂ କେହି ତାଙ୍କୁ ଏହା କରିବାକୁ ଉସୁକାଇ ନଥିଲେ । ବିଜେପି ବିଧାୟକ ଦାବି କରିଛନ୍ତି ଯେ,ଏହି କାରଣରୁ ସୁଶାନ୍ତ ସିଂହ ରାଜପୁତଙ୍କ ପରିବାରକୁ ନ୍ୟାୟ ମିଳିଲା ନାହିଁ । ଯଦି ସିବିଆଇ ନ୍ୟାୟ ପାଳିକା ସମ୍ମୁଖରେ କ୍ଲୋଜର ରିପୋର୍ଟ ଉପସ୍ଥାପନ କରିଛି, ତେବେ ଏହାର ଅର୍ଥ ସ୍ପଷ୍ଟ । ଏହାର ଅର୍ଥ ହେଉଛି ଯେ ଆରୁଷିଙ୍କ ମାମଲାରେ ଯେଉଁଭଳି ଭାବରେ କ୍ଲୋଜର ରିପୋର୍ଟ ଉପସ୍ଥାପନ କରାଯାଇଥିଲା, ନ୍ୟାୟପାଳିକା ଏହାକୁ ଗ୍ରହଣ କରି ନଥିଲା । ସେହିପରି, ଏହାର (ସୁଶାନ୍ତ ସିଂହ ରାଜପୁତ) ପୁଣି ଥରେ ତଦନ୍ତ କରାଯିବା ଉଚିତ । ୧୪ ଜୁନ୍ ୨୦୨୦ରେ, ଅଭିନେତା ସୁଶାନ୍ତ ସିଂହ ରାଜପୁତ ତାଙ୍କ ରୁମରେ ମୃତ ଅବସ୍ଥାରେ ପାଇଥିଲେ । ବିହାରର ସୁଶାନ୍ତ ଖୁବ୍ କମ୍ ସମୟ ମଧ୍ୟରେ ନିଜ ଅଭିନୟ ବଳରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ।

# ୧୭ ବର୍ଷ ପରେ ଚେନ୍ନାଇ ଗଡ଼କୁ ଭେଦ କଲା ଆରସିବି

**ଚେନ୍ନାଇ,୨୯।୩:** ଦୀର୍ଘ ୧୭ ବର୍ଷ ଧରି ରହିଥିବା ଅପେକ୍ଷାର ଅନ୍ତ ଘଟିଛି । ଆଇପିଏଲର ସବୁଠାରୁ ସଫଳ ଟିମ ଚେନ୍ନାଇ ସୁପର କିଙ୍ଗସ ବା ସିଏସକେକୁ ତା'ରି ଗଡ଼ ଚେପକରେ ମାତ ଦେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବା ଆରସିବି । ୨୦୦୮ ପରଠାରୁ ଆରସିବି କେବେ ହେଲେ ବି ଚେପକରେ ସିଏସକେକୁ ହରାଇ ପାରି ନଥିଲା । ୨୦୦୮ ଅର୍ଥାତ ଆଇପିଏଲର ପ୍ରଥମ ସଂସ୍କରଣରେ ରାହୁଲ ଦ୍ରାବିଡଙ୍କ ଆରସିବି ୧୨୬କୁ ଡିଫେଣ୍ଡ କରୁଥିବା ବେଳେ ଚେନ୍ନାଇକୁ ଚେପକରେ ୧୪ ରନରେ ହରାଇଥିଲା । ସେଠାରୁ ଚେପକରେ ଆରସିବି ଯେତେଥର ମ୍ୟାଚ୍ ଖେଳିଥିଲା ସବୁଥର ହାରିଥିଲା । ୨ଟି ବିଜୟ ମଧ୍ୟରେ ଦଳକୁ ୮ଥର ଚେପକରେ ସିଏସକେ ଠାରୁ ହାରିବାକୁ ପଡ଼ିଥିଲା ।

ହେଲେ ୨୦୨୫ରେ ରଜତ ପାଟିଦାରଙ୍କ ଆରସିବି ଇତିହାସକୁ ବଦଳାଇ ଦେଇଛି । ଚେପକରେ ଚେନ୍ନାଇକୁ ୫୦ ରନରେ ହରାଇ ଚଳିତ ସଂସ୍କରଣରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି । ଚେପକରେ ସିଏସକେ ବ୍ୟତୀତ ଦଳ ଆଉ ୪ଟି ମ୍ୟାଚ୍ ଅଲଗା ଟିମ ବିପକ୍ଷରେ ମଧ୍ୟ ଖେଳିଥିଲା । ଏହି ସବୁ ମ୍ୟାଚରେ ଦଳ ଜିତିବାକୁ ସକ୍ଷମ ହୋଇଥିଲା ।



'ଇସ ବାର କପ ନାମ ଦେ' ନାରା ଦେଇ ଆଇପିଏଲ ଖେଳୁଥିବା ଆରସିବି ସେଦିଗରେ ଆଉ ଗୋଟିଏ ପାଦ ଆଗେଇଛି । ୨୦୦୮ରୁ ଦଳ ଆଇପିଏଲ ଖେଳୁଥିଲେ ହେଁ ଏଯାଏ ଗୋଟିଏ ଥର ବି କପ ଜିତି ପାରି ନାହିଁ । ହେଲେ ଆଇପିଏଲର ୧୮ତମ ସଂସ୍କରଣ ଦଳ ଦମଦାର ଢଙ୍ଗରେ ଆରମ୍ଭ କରିଛି । ପ୍ରଥମ ଦୁଇଟି ମୁକାବିଲାକୁ ଜିତି ଦଳ ଟେବୁଲ ଶୀର୍ଷରେ ପହଁଚି ଯାଇଛି ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରୁଥିବା ଆରସିବି ବ୍ୟାଟରଙ୍କ ଦମଦାର ପ୍ରଦର୍ଶନ ଯୋଗୁ ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ ହରାଇ ୧୯୬ ରନ କରିଥିଲା । ଏହାର ଜବାବରେ ସିଏସକେ ୨୦ ଓଭରରେ ୮ ଓ୍ୱିକେଟ ହରାଇ କେବଳ ୧୪୬ ରନ କରିପାରିଥିଲା । ଦଳ ପାଖରେ ମହେନ୍ଦ୍ର ସିଂହ ଧୋନିଙ୍କ ଭଳି ଖେଳାଳି ଥିଲେ ହେଁ ଖରାପ ରଣନୀତି ଯୋଗୁ ସିଏସକେକୁ ହାରିବାକୁ ପଡ଼ିଛି । ଧୋନି ୧୬ ବଲରେ ଅପରାଜିତ ୩୦ ରନ କରିଥିଲେ । କିନ୍ତୁ ସେ ବ୍ୟାଟିଂ କରିବାକୁ ୯ନମ୍ବର ସ୍ଥାନରେ ଆସିବା ସମସ୍ତଙ୍କୁ ଚକିତ କରିଛି । ଚେପକରେ ଚେନ୍ନାଇ ଶୁକ୍ରବାର ୫୦ ରନରେ ହାରିବା ଦଳ ପାଇଁ ଅନ୍ୟତମ ସର୍ବବୃହତ ପରାଜୟ । ସିଏସକେ ଏହା ପୂର୍ବରୁ ୨୦୧୩ରେ ମୁମ୍ବାଇ ଠାରୁ ୬୦ ରନ ଓ ୨୦୨୨ରେ ପଞ୍ଜାବ କିଙ୍ଗସ ଠାରୁ ୫୪ରେ ହାରିଥିଲା । ଚେନ୍ନାଇ ଚଳିତ ଆଇପିଏଲର ପ୍ରଥମ ମ୍ୟାଚ୍ରେ ମୁମ୍ବାଇ ବେଶ ସହଜରେ ହରାଇ ଦେଇଥିଲା । କିନ୍ତୁ ଆରିସିବି ବିପକ୍ଷରେ ଦଳର ବୋଲିଂ ଓ ବ୍ୟାଟିଂରେ ଥିବା ଦୁର୍ବଳତା ପଦାରେ ପଡ଼ିଛି । ମଧ୍ୟକ୍ରମ ଠାରୁ ଆରମ୍ଭ କରି ଟପ ଅର୍ଡରର ବ୍ୟାଟର କେହି ବି ଦଳକୁ ବିଜ । ଆଡୁ ନେବାକୁ ସତେ ଯେମିତି ଚେଷ୍ଟା କରି ନଥିଲେ । ଟାର୍ଗେଟ ୧୯୭ ରନ ଥିବା ବେଳେ ଆରମ୍ଭରୁ ଦଳକୁ ଡବଲ ଝଟକା ଲାଗିଥିଲା । ରାହୁଲ ତ୍ରିପାଠୀ ୪ ରନ ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ ।

ରଚିନ ରବୀନ୍ଦ୍ର ଦୀର୍ଘ ସମୟ ଧରି ବ୍ୟାଟିଂ କରିଥିଲେ ହେଁ ବଡ଼ ଶଟ ଖେଳିବାକୁ ଚେଷ୍ଟା ନ କରିବା ରନ ରେଟ ଚାପକୁ ବୃଦ୍ଧି କରିଥିଲା । ଦୀପକ ହୁଡ୍ଡା ଓ ସାମ କରାନ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ । ଶିବମ ଦୁବେ କିଛି ବଡ଼ ଶଟ ଖେଳିଥିଲେ ହେଁ ସେତେବେଳେକୁ ଆବଶ୍ୟକ ରନ ରେଟ ୨୦ ପାର କରି ଯାଇଥିଲା । ରବୀନ୍ଦ୍ର ଜାଡେଜା ୭ନମ୍ବରରେ ଓ ରବି ଅଶ୍ୱିନ ୮ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ । ଏମାନଙ୍କ ପରେ ଧୋନି କ୍ରିଜକୁ ଆସିବା ସମସ୍ତଙ୍କୁ ଚକିତ କରିଛି ।

# ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ ଆବେଦନ ଆମନ୍ତ୍ରଣ କଲା ବିସିସିଆଇ

**ନୂଆଦିଲ୍ଲୀ,୨୯।୩:** ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ ବିସିସିଆଇ ଆବେଦନ ଆମନ୍ତ୍ରଣ କରିଛି ବାସ୍ତବରେ ବିସିସିଆଇର ବେଙ୍ଗାଲୁରୁସ୍ଥିତ ସେ ର ଅଫ୍ ଏକ୍ସେଲେନ୍ସ ପାଇଁ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ଆବଶ୍ୟକ କରୁଛି । ଏଥିପାଇଁ ବିସିସିଆଇ ଏକ ଆଡ୍‌ଭାଇଜାରୀ ଜାରି କରିଛି । ଏଥିରେ କୁହାଯାଇଛି ଯେ ଜଣେ ସ୍ପିନ୍ ବୋଲିଂ ପ୍ରଶିକ୍ଷକ ପାଇଁ କ'ଣ ଆବଶ୍ୟକ । ପ୍ରକୃତରେ, ବାଙ୍ଗାଲୋରସ୍ଥିତ ସେ ରରେ, ଭାରତୀୟ ସିନିୟର ଦଳ ବ୍ୟତୀତ,





ଭାରତ-ଏ, ଭାରତ ୧୯ ବର୍ଷରୁ କମ୍, ଭାରତ ୨୩ ବର୍ଷରୁ କମ୍, ଭାରତ ୧୬ ବର୍ଷରୁ କମ୍, ଭାରତ ୧୫ ବର୍ଷରୁ କମ୍, ରାଜ୍ୟ ଦଳ ଏବଂ ଅନ୍ୟାନ୍ୟ ଦଳର ସ୍ପିନରମାନଙ୍କ ଦକ୍ଷତା ଉନ୍ନତ କରିବା ଉପରେ କାର୍ଯ୍ୟ କରାଯାଏ ।

ସେଣ୍ଟର ଅଫ୍ ଏକ୍ସଲେନ୍ସରେ କ'ଣ ଦାୟିତ୍ୱ ରହିବ ?

୧-ଖେଳାଳିମାନଙ୍କ ପାଇଁ ତାଲିମ ଅଧିବେଶନର ବ୍ୟବସ୍ଥା ।

୨- ଖେଳାଳିମାନଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ବ୍ୟକ୍ତିଗତ ବୈଷୟିକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ।

୩- ସମସ୍ତ ଖେଳାଳିଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଉପରେ ନଜର ରଖିବା ।

୪- ଅନ୍ୟ ବିଶେଷଜ୍ଞ ପ୍ରଶିକ୍ଷକ, ଚୟନକର୍ତ୍ତା ଏବଂ ସହାୟକ କର୍ମଚାରୀଙ୍କ ସହ ଘନିଷ୍ଠ ଭାବରେ କାର୍ଯ୍ୟ କରିବା । ଯାହା ଦ୍ୱାରା ଖେଳାଳିମାନଙ୍କ ପ୍ରତିଭା ବୃଦ୍ଧି ପାଇପାରିବ ।

୫- ଆଜିର ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉତ୍ତମ ବ୍ୟବହାର ।

ଏଥିପାଇଁ କେଉଁ ଯୋଗ୍ୟତା ଏବଂ ଅଭିଜ୍ଞତା ଆବଶ୍ୟକ ।

୧- ଏଥିପାଇଁ ଆବେଦନକାରୀ ପୂର୍ବତନ ଭାରତୀୟ ଖେଳାଳି ହୋଇଥିବେ କିମ୍ବା ପ୍ରଥମ ଶ୍ରେଣୀ ସ୍ତରରେ ଅତି କମରେ ୭୫ଟି ମ୍ୟାଚ୍ ଖେଳିଥିବା ଆବଶ୍ୟକ । ଏଥିପାଇଁ, ଗତ ୭ ବର୍ଷ ମଧ୍ୟରେ ଅତି କମରେ ୩ ବର୍ଷର ପ୍ରଶିକ୍ଷକ ଅଭିଜ୍ଞତା ଥିବା ଉଚିତ । ୨- ଭାରତୀୟ ଦଳ ବ୍ୟତୀତ, ଆବେଦନକାରୀ ଅନ୍ୟ କୌଣସି ଅନ୍ତର୍ଜାତୀୟ ଦଳ, ଭାରତ ୧୯ ବର୍ଷରୁ କମ୍, ଭାରତୀୟ ମହିଳା ଦଳ, ଆଇପିଏଲ ଦଳ କିମ୍ବା ଯେକୌଣସି ରାଜ୍ୟ ଦଳ ସହିତ କାର୍ଯ୍ୟ କରିଥିବେ ।

# ଆଇପିଏଲ୍ କମେଣ୍ଟ୍ରି ପ୍ୟାନେଲରୁ ଇରଫାନ ବାଦ

**ଲକ୍ଷ୍ନୌ,୨୯।୩:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ ୨୦୨୫ ଆରମ୍ଭ ହେବା ପୂର୍ବରୁ ଯେତେବେଳେ ବ୍ରଡକାଷ୍ଟର୍ ଏହାର କମେଣ୍ଟ୍ରି ପ୍ୟାନେଲ୍ ତାଲିକା ପ୍ରକାଶ କରିଥିଲା, ସେତେବେଳେ ଏଥିରେ ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍‌ରାଉଣ୍ଡର ଇରଫାନ ପଠାନଙ୍କ ନାମ ନଥିଲା । ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଇରଫାନ ଆଇପିଏଲ ଖେଳିବା ଜାରି ରଖିଥିଲେ ଏବଂ ଯେତେବେଳେ ସେ ଆଇପିଏଲରୁ ଅବସର ନେଇଥିଲେ, ସେ ଅନ୍ୟ ଟି-୨୦ ଲିଗ୍‌ରେ ଅଂଶଗ୍ରହଣ କରିବା ସହିତ କମେଣ୍ଟ୍ରି ଜାରି ରଖିଥିଲେ । ଗତ ସିଜନରେ ମଧ୍ୟ ଇରଫାନ୍ ଆଇପିଏଲରେ ହିନ୍ଦୀ ଓ ଇଂରାଜୀ କମେଣ୍ଟ୍ରି କରୁଥିବାର ନଜର ଆସିଥିଲେ କିନ୍ତୁ ଏଥର ତାଙ୍କୁ କମେଣ୍ଟ୍ରି ପ୍ୟାନେଲରୁ ବାଦ୍ ଦିଆଯାଇଛି । ଗଣମାଧ୍ୟମ ରିପୋର୍ଟରେ ଅନୁସାରେ, ଇରଫାନ ଟିମ ଇଣ୍ଡିଆର ଷ୍ଟାର ଖେଳାଳିଙ୍କ



ଉପରେ ବ୍ୟକ୍ତିଗତ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ଖେଳାଳିମାନେ ଅଭିଯୋଗ କରିଥିଲେ, ଯାହା ପରେ ତାଙ୍କୁ ପ୍ୟାନେଲରୁ ହଟାଇ ଦିଆଯାଇଥିଲା । ବର୍ଡର-ଗାଭାସ୍କର ସିରିଜରେ ଭାରତର ପରାଜୟ ପରେ ଭାରତୀୟ ଷ୍ଟାର୍ ଖେଳାଳିଙ୍କୁ ସମାଲୋଚନା କରିଥିଲେ ଇରଫାନ । ଖବର ଅନୁସାରେ ଉକ୍ତ ଖେଳାଳି ବିସିସିଆଇ ଆଗରେ ଅଭିଯୋଗ ମଧ୍ୟ କରିଥିଲେ । ସେହି ଖେଳାଳି ମଧ୍ୟ ଇରଫାନଙ୍କ ନମ୍ବରଙ୍କୁ ବ୍ଲକ କରିଥିଲେ । ପଠାନ କେବେ କାହାର ବ୍ୟକ୍ତିଗତ ଜୀବନ ଉପରେ ମନ୍ତବ୍ୟ ଦେଉଥିବା ଶୁଣିବାକୁ ମିଳିନାହିଁ । ଇରଫାନ ପଠାନ କିମ୍ବା ବିସିସିଆଇ ପକ୍ଷରୁ ଏ ନେଇ କୌଣସି ଆନୁଷ୍ଠାନିକ ବୟାନ ଦେଇନାହିଁ । କିଛି ଖେଳାଳିଙ୍କ ସହ ଇରଫାନ ପଠାନଙ୍କ ମତାନ୍ତର ହୋଇଥିଲା ବୋଲି ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ।

# ଇମ୍ପାକ୍ଟ ପ୍ଲେୟାର ସପକ୍ଷରେ ଧୋନୀ, ବିରାଟ ଓ ରୋହିତଙ୍କ ନାପସନ୍ଦ

**ମୁମ୍ବାଇ,୨୯।୩:** ଗତ ୨୦୨୩ରେ ଆଇପିଏଲ୍ ସିଜିନ୍ରେ ଇମ୍ପାକ୍ଟ ପ୍ଲେୟାର ନିୟମ ଲାଗୁ କରାଯାଇଥିଲା । ଏହାପରେ ଟୁର୍ଣ୍ଣାମେଣ୍ଟରେ ଏକ ବଡ଼ ପରିବର୍ତ୍ତନ ବି ଦେଖିବାକୁ ମିଳିଛି । ୨୦୨୪ରେ ସିଜିନରେ ଅଧିକାଂଶ ହାଇସ୍କୋରିଂ ମ୍ୟାଚ୍ ଦେଖିବାକୁ ମିଳିଥିଲା । ଏହି ସିଜିନରେ ମୋଟ ୪୧ ଥର ୨୦୦ ରନରୁ ଅଧିକ ଦଳୀୟ ସ୍କୋର୍ ହୋଇଥିଲା । ଖାଲି ସେତିକି ନୁହେଁ ଆଇପିଏଲ୍ ଇତିହାସରେ ସର୍ବଶ୍ରେଷ୍ଠ ୫ଟି ଦଳୀୟ ସ୍କୋର୍ ବି ଏହି ସିଜିନରେ ଦେଖିବାକୁ ପାଇଥିଲେ କ୍ରିକେଟ ପ୍ରଶଂସକ । ଏହି ନିୟମ ଆସିବା ପରେ ଫ୍ୟାନ୍ସଙ୍କୁ ଜବରଦସ୍ତ ଏଣ୍ଟରଟେନର ଖୋରାକ ମିଳୁଥିବା ବେଳେ ନାପସନ୍ଦ କରିଥିଲେ ବିରାଟ କୋହଲି ଓ ରୋହିତ ଶର୍ମା । କହିଥିଲେ କ୍ରିକେଟରେ କିଛି ନିୟମରେ ପରିବର୍ତ୍ତନ କରିବା ଆବଶ୍ୟକତା ନାହିଁ । ବିଶେଷ କରି ଇମ୍ପାକ୍ଟ ପ୍ଲେୟାର ନିୟମର କୌଣସି ଆବଶ୍ୟକତା ନାହିଁ । ହେଲେ ଏବେ ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ ଇମ୍ପାକ୍ଟ ପ୍ଲେୟାରକୁ ନେଇ ଯେଉଁ ମତ ରଖିଛନ୍ତି ତାହା ରୋହିତ ଓ କୋହଲିଙ୍କଠାରୁ ଭିନ୍ନ ରହିଛି ।

ଜିଓ ହଟ୍‌ଷ୍ଟାର୍କୁ ଦେଇଥିବା ଏକ ସାକ୍ଷାତାକାରରେ ଇମ୍ପାକ୍ଟ ପ୍ଲେୟାର ନିୟମକୁ ନେଇ ମତ ରଖିଛନ୍ତି ସିଏସ୍କେର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନୀ । ଏହି ନୂଆ ନିୟମ ଟି-



ଟେଷ୍ଟି କ୍ରିକେଟରେ କାହିଁକି ଆବଶ୍ୟକ ତାହା ବର୍ଣ୍ଣନା କରିଛନ୍ତି । ଧୋନୀ କହିଛନ୍ତି, ଯେତେବେଳେ ୨୦୨୩ରେ ଇମ୍ପାକ୍ଟ ପ୍ଲେୟାର ନିୟମ ଲାଗୁ ହେଲା ସେତେବେଳେ ମୁଁ ଭାବୁଥିଲି ଏହାର ଆବଶ୍ୟକତା ନାହିଁ । କିନ୍ତୁ ବ୍ୟକ୍ତିଗତ ଭାବେ ଏହି ନିୟମ ମୋତେ ଫାଇଦା ଦେଇପାରେ । ଦଳରେ ଏବେ ମୁଁ ବିଶେଷଜ୍ଞ ଓ୍ୱିକେଟରକ୍ଷକ ଭାବେ ଖେଳୁଛି । କିନ୍ତୁ ଗୋଟିଏ କଥା ନିରାଟ ସତ ଯେ ସମୟ ସହ କ୍ରିକେଟକୁ ବଦଳିବାକୁ ହେବ ।

ଅନେକଙ୍କ ମତ ରହିଛି ଏହି ନିୟମ ଯୋଗୁଁ ବଡ଼ ସ୍କୋର୍ ହେଉଛି, କିନ୍ତୁ ଅତିରିକ୍ତ ବ୍ୟାଟର୍ଙ୍କ ପାଇଁ ବଡ଼ ଦଳୀୟ ସ୍କୋର୍ ହେଉଛି ତାହା କହିବା ଠିକ୍ ହେବନି । ଇମ୍ପାକ୍ଟ ପ୍ଲେୟାର ନିୟମ ଯୋଗୁଁ ଦଳଗୁଡ଼ିକ ଏବେ ପୂର୍ବାପେକ୍ଷା ଅଧିକ ଆଟାକିଂ କ୍ରିକେଟ୍ ଖେଳୁଛନ୍ତି । ଏହାଦ୍ୱାରା ଖେଳାଳିଙ୍କ ଆତ୍ମବିଶ୍ୱାସ ବି ବଢୁଛି । ଏମିତି ହିଁ ଟି-ଟେଷ୍ଟି କ୍ରିକେଟରେ ଅଭ୍ୟୁଦୟ ହୋଇଥିଲା । ଆଗକୁ ମଧ୍ୟ କ୍ରିକେଟର ରୂପରଙ୍ଗରେ ପରିବର୍ତ୍ତନ ହେବ । ଏହା ହିଁ ଭବିଷ୍ୟତ । ତେବେ ଧୋନୀଙ୍କ କଥା କହିଲେ ତାଙ୍କ ଇମ୍ପାକ୍ଟ ପ୍ଲେୟାର ନିୟମକୁ ନେଇ ମତଠାରୁ ସେ ଅଧିକ ଚର୍ଚ୍ଚାରେ ଅଛନ୍ତି ନିଜ ଓ୍ୱିକେଟ୍ କିପିଂକୁ ନେଇ । ମୁମ୍ବାଇ ବିପକ୍ଷ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବଙ୍କୁ ୦.୧୨ ସେକେଣ୍ଡରେ ଷ୍ଟମ୍ପିଂ କରିଥିଲେ । ଏହି ଦୃଶ୍ୟକୁ ଯେକେହି ବି ଦେଖିଥିଲା ଆଶ୍ଚର୍ଯ୍ୟ ହୋଇ ଯାଇଥିଲା ।

# ବଡ଼ ରେକର୍ଡ ହାସଲ କଲେ ପ୍ୟାଟ କମିନ୍ସ

**ନୂଆଦିଲ୍ଲୀ,୨୯।୩:** ସନରାଇଜର୍ସ ହାଇଦ୍ରାବାଦ ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ୫ ଉଇକେଟରେ ପରାଜୟର ସମ୍ମୁଖୀନ ହୋଇଥିଲେ । ଏହି ସିରିଜରେ ଏହା ସନରାଇଜର୍ସ ହାଇଦ୍ରାବାଦ ଦଳର ପ୍ରଥମ ପରାଜୟ ଥିଲା । ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦ ପ୍ରାରମ୍ଭିକ ମ୍ୟାଚ ଜିତିବାରେ ସଫଳ ହୋଇଥିଲେ । ଦଳକୁ ପରାଜଦର ସାମ୍ନା କରିବାକୁ ପଡିଥିଲେ ମଧ୍ୟ ଅଧିନାଦକ ପ୍ୟାଟ କମିନ୍ସ ଏକ ସ୍ୱତନ୍ତ୍ର ତାଲିକାରେ ନିଜ ସ୍ଥାନ ପକ୍କା କରିଥିଲେ । ପ୍ୟାଟ କମିନ୍ସ ଅଳଇପିଏଲରେ ଏକ ଏପରି କୃତିତ୍ୱ ହାସଲ କରିଥିଲେ ଯାହା ଏହା ପୂର୍ବରୁ କେବଳ ୩ ଜଣ ବ୍ୟାଟସମ୍ୟାନ କରିଥିଲେ ।



ଏହି ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦର ବ୍ୟାଟିଂ କିଛି ବିଶେଷ ନଥିଲା । କିନ୍ତୁ ପ୍ୟାଟ କମିନ୍ସ ତାଙ୍କ ବ୍ୟାଟିଂରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କମିନ୍ସ ତାଙ୍କ ଇନିଂସର ପ୍ରଥମ ତିନୋଟି ବଲ୍‌ରେ ଲଗାତାର ତିନୋଟି ଛକା ମାରି ଆଇପିଏଲରେ ଏହି ସଫଳତା ହାସଲ କରିବାରେ ଚତୁର୍ଥ ଖେଳାଳି ହୋଇଥିଲେ । ତାଙ୍କ ପୂର୍ବରୁ ସୁନୀଲ ନାରିନ, ନିକୋଲାସ ପୁରନ ଏବଂ ଏମଏସ ଧୋନୀ ଏହି ଅନନ୍ୟ କ୍ଲବର ଅଂଶ ହୋଇସାରିଛନ୍ତି । କିନ୍ତୁ ସେ ଏହି ତାଲିକାରେ ସାମିଲ ହେବାରେ ପ୍ରଥମ ବୋଲର । ସନରାଇଜର୍ସ ହାଇଦ୍ରାବାଦ ଇନିଂସରେ ୧୭ତମ ଓଭରରେ ପ୍ୟାଟ କମିନ୍ସ ବ୍ୟାଟିଂ କରିବାକୁ ଆସିଥିଲେ । ସେ ଲକ୍ଷ୍ନୌ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କ ବିପକ୍ଷରେ ଏକ ଆକ୍ରମଣାତ୍ମକ ମନୋଭାବ ଗ୍ରହଣ କରିଥିଲେ । ସେ ୩ ବଲରେ ୧୮ ରନ କରିଥିଲେ । ସେ ପରର୍ବ1 ବଲ୍ରେ ଆଉଟ ହୋଇଗଲେ । ତାଙ୍କର ଛୋଟ ଇନିଂସ ଦଳର ସ୍କୋରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲା । ଯାହା ଫଳରେ ଝଜଏୀ ୨୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ କରିପାରିଥିଲା ।

# ଚାମ୍ପିୟନ୍ସ ଟ୍ରଫି ନ ଖେଳିବା ପଛରେ ରୋହିତ

**ନୂଆଦିଲ୍ଲୀ,୨୯।୩:** ଭାରତୀୟ ଦ୍ରୁତ ବୋଲର୍ ମହମ୍ମଦ ସିରାଜଙ୍କ ବଡ଼ ବୟାନ । ଚାମ୍ପିୟନ୍ସ ଟ୍ରଫିରୁ ବାଦ ପଡ଼ିବା ନେଇ ବଡ଼ ଖୁଲାସା କଲେ ସିରାଜ । କହିଲେ ରୋହିତ ଭାଇ ମତେ ଚାମ୍ପିୟନ୍ସ ଟ୍ରଫିକୁ ନେବା ପାଇଁ ଚାହୁଁନଥିଲେ । ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ସିରାଜଙ୍କ ବୟାନ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି ।

ଚାମ୍ପିୟନ୍ସ ଟ୍ରଫି ପାଇଁ ଟିମ୍ ଘୋଷଣା ବେଳେ ସିରାଜଙ୍କ ଚୟନ ନ ହେବା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିଲେ । କଣ ପାଇଁ ସିରାଜଙ୍କୁ ଦଳରେ ସାମିଲ କରାଗଲା ନାହିଁ, ସେନେଇ ଚର୍ଚ୍ଚା ବଢ଼ିଥିଲା । ଏବେ



ଖୋଦ୍ ସିରାଜ ଏନେଇ ମୁହଁ ଖୋଲିଛନ୍ତି । ସିରାଜ କହିଛନ୍ତି, ଯେବେ ଆପଣ ଦେଶ ପାଇଁ ଖେଳନ୍ତି ଆପଣଙ୍କର ଆତ୍ମବିଶ୍ୱାସ ବଢ଼େ । ଅନ୍ତର୍ଜାତୀୟ ଖେଳାଳି ଭାବେ ଆଇସିସି ଟୁର୍ଣ୍ଣାମେଣ୍ଟ ଖେଳିବାର ଇଚ୍ଛା ରହିଥିଲା । ଟିମର ଭଲ ପାଇଁ ରୋହିତ ଭାଇ ସବୁବେଳେ ଚିନ୍ତା କରିଥାନ୍ତି । ସେଥିପାଇଁ ସେ ମତେ ଟିମରେ ସାମିଲ କଲେ ନାହିଁ । ତାଙ୍କର ବହୁତ ଅଭିଜ୍ଞତା ରହିଛି । ସେ ଜାଣିଛନ୍ତି, ଦୁବାଇରେ ପେସ୍ ଆଟାକ୍ ଏତେ କାମ କରିବ ନାହିଁ । ସେଠାରେ ସ୍ପିନର ମ୍ୟାଚ୍ ଓ୍ୱିନର୍ ରହିବେ । ସେଥିପାଇଁ ସେ ମତେ ଟିମରେ ସାମିଲ କଲେ ନାହିଁ ।

ସିରାଜ ଲମ୍ବା ସମୟ ଧରି ଭାରତୀୟ ଟିମର ଅଂଶ ରହିଛନ୍ତି । ଦିନିକିଆ ହେଉ କି ଟେଷ୍ଟ କି ଟି-ଟ୍ୱେଣ୍ଟି ସବୁ ଫର୍ମାଟରେ ନିଜର କମାଲ ଦେଖାଇଛନ୍ତି ସିରାଜ । କିନ୍ତୁ ଚାମ୍ପିୟନ୍ସ ଟ୍ରଫିରେ ତାଙ୍କୁ ସାମିଲ କରାନଯିବା ସମସ୍ତ କ୍ରିକେଟପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଥିଲା । କିନ୍ତୁ ଟିମର ଭଲ ପାଇଁ ରୋହିତ ଏଭଳି ନିଷ୍ପତ୍ତିକୁ ସମ୍ମାନ ଜଣାଇଛନ୍ତି ସିରାଜ । ଚାମ୍ପିୟନ୍ସ ଟ୍ରଫି ପାଇଁ ଦଳ ଘୋଷଣା ବେଳେ ପେସ୍ ବୋଲର୍ଙ୍କ ଅପେକ୍ଷା ସ୍ପିନ୍ ବୋଲିଂ ଉପରେ ବେଶୀ ଗୁରୁତ୍ୱ ଦେଇଥିଲେ କ୍ୟାପ୍ଟେନ ରୋହିତ ଶର୍ମା ।

# ସେଫିଲ୍ଡ ସିଲ୍ଡ ଟାଇଟଲ ଜିତି ଇତିହାସ ରଚିଲା ଦକ୍ଷିଣ ଅଷ୍ଟ୍ରେଲିଆ

**କାନବେରା,୨୯।୩:** ଦକ୍ଷିଣ ଅଷ୍ଟ୍ରେଲିଆ ଦଳ ସେଫିଲ୍ଡ ସିଲ୍ଡ ଟାଇଟଲ ଜିତି ଇତିହାସ ରଚିଛି । ଏହି ଟୁର୍ନାମେଣ୍ଟର ଫାଇନାଲରେ କୁଇନ୍ସଲ୍ୟାଣ୍ଡକୁ ପରାସ୍ତ କରି ଦଳ ୨୯ ବର୍ଷ ପରେ ଟାଇଟଲ ଜିତିଛି । ଦକ୍ଷିଣ ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟ ଫାଇନାଲକୁ ୪ ଉଇକେଟରେ ଜିତିଥିବା ବେଳେ ୧୧ ଉଇକେଟ ନେଇଥିବା ବୋଲରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଫାଇନାଲରେ ୧୧ ଉଇକେଟ ନେଇଥିବା ବୋଲରଙ୍କ ନାମ ବ୍ରେଣ୍ଡନ ଡଗେଟ । ୩୦ ବର୍ଷୀୟ ବ୍ରେଣ୍ଡନ ଜଣେ ଡାହାଣହାତୀ ଦ୍ରୁତ ବୋଲର ଏବଂ ଦକ୍ଷିଣ ଅଷ୍ଟ୍ରେଲିଆ ଦଳର ଖେଳାଳି । ମ୍ୟାଚରେ କୁଇନ୍ସଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା । କିନ୍ତୁ ଦକ୍ଷିଣ ଅଷ୍ଟ୍ରେଲିଆ



ବୋଲର ବ୍ରେଣ୍ଡନ ଡଗେଟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପର୍ଯ୍ୟୟ ଯୋଗୁ ସେମାନଙ୍କର ପ୍ରଥମ ଇନିଂସ ମାତ୍ର ୯୫ ରନରେ ଅଟକିଥିଲା । ବ୍ରେଣ୍ଡନ ଡଗେଟ ପ୍ରଥମ ଇନିଂସରେ ୬ ଉଇକେଟ ନେଇଥିଲେ । ସେ ୧୧.୨ ଓଭରରେ ୩୧ ରନ ଦେଇ ଏହି ଉଇକେଟ ନେଇଥିଲେ । କ୍ୱିନ୍ସଲ୍ୟାଣ୍ଡକୁ ୯୫ ରନରେ ଅଲଆଉଟ କରିବା ପରେ, ଦକ୍ଷିଣ ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୨୭୧ ରନ କରିଥିଲା, ଯେଉଁଥିରେ ଜେକ ଲେହମ୍ୟାନଙ୍କ ଏକ ବଡ଼ ଶତକ ଥିଲା । ଲେହମାନ ମଧ୍ୟକ୍ରମରେ ୧୫୨ ବଲ ସାମ୍ନା କରି ୧୦୨ ରନ କରିଥିଲେ । ପ୍ରଥମ ଇନିଂସରେ ଦକ୍ଷିଣ ଅଷ୍ଟ୍ରେଲିଆ ୧୭୬ ରନର ଲିଡ୍ ପାଇଥିଲା । ପ୍ରଥମ ଇନିଂସ ପରି କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ସମାନ ଭୁଲ କରି ନ ଥିଲା । ଏଥର ଦଳ ବଡ଼ ସ୍କୋର କରିଥିଲା । ଜ୍ୟାକ ଗ୍ଲିଟନ୍ ଏବଂ ଜ୍ୟାକ୍ ଓ୍ୱାଇଲ୍ଡରମୁଥଙ୍କ ଶତକ ବଳରେ କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୪୪୫ ରନ କରିଥିଲା । ଜ୍ୟାକ ଗ୍ଲିଟନ ୨୪୯ ବଲ ସାମ୍ନା କରି ୧୦୦ ରନ କରିଥିଲେ । ଯେତେବେଳେ ଓ୍ୱାଇଲ୍ଡରମୁଥ ୧୪୦ ବଲ ରେ ୧୧୧ ରନର ଇନିଂସ ଖେଳିଥିଲେ । ଦକ୍ଷିଣ ଅଷ୍ଟ୍ରେଲିଆର ବୋଲର ବ୍ରେଣ୍ଡନ ଡଗେଟ ମଧ୍ୟ କ୍ୱିନ୍ସଲ୍ୟାଣ୍ଡର ଦ୍ୱିତୀୟ ଇନିଂସରେ ପ୍ରଭାବ ପକାଇବାରେ ସଫଳ ହୋଇଥିଲେ । ସେ ଏଥର ମଧ୍ୟ ୫ ଉଇକେଟ ନେଇଥିଲେ । ଏହିପରି, ଫାଇନାଲ ମ୍ୟାଚର ଉଭୟ ଇନିଂସକୁ ମିଶାଇ, ଡଗେଟ ମୋଟ ୧୧ ଉଇକେଟ ନେଇଥିଲେ । ଏବେ ଦକ୍ଷିଣ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୭୬ ରନର ଲିଡ୍ ହାସଲ କରିସାରିଥିଲା । ଏପରି ପରିସ୍ଥିତିରେ ସେମାନଙ୍କ ସମ୍ମୁଖରେ ୨୭୦ ରନ ଲକ୍ଷ୍ୟ ଥିଲା । ଏହାକୁ ସେମାନେ ୬ ଉଇକେଟ ହରାଇ ହାସଲ କରିଥିଲେ । ୪ ଉଇକେଟରେ ବିଜୟ ସହିତ, ସେମାନେ ୨୯ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେଫିଲ୍ଡ ସିଲ୍ଡ ଟାଇଟଲ ହାସଲ କରିଥିଲେ ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ୍ ସୋ'ରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୨୯।୩:** ଦାୟିତ୍ୱସମ୍ପନ୍ନ ଜୁଏଲରମାଲାବାରଗୋଲ୍ଡ ଆଣ୍ଡଡାଏମଣ୍ଡସ୍ ଓଡ଼ିଶାର ଭୁବନେଶ୍ୱର ସୌଭାଗ୍ୟନଗରଠାରେ ତାହାରତୃତୀୟ ସୋ'ରୁମ୍ ଉଦଘାଟନ କରିଛି । ଏହି ଅତ୍ୟାଧୁନିକ ସୋ'ରୁମ୍ ଗହଣା ଗୁଡିକର ଆକର୍ଷଣୀୟ କଲେକ୍ସନ ସହିତ ଗ୍ରାହକଙ୍କୁ ଏକ ଅତୁଳନୀୟ କିଣାକିଣି ଅନୁଭୂତି ପ୍ରଦାନ କରିବା ପାଇଁଡିଜାଇନ କରାଯାଇଛି, ଯେଉଁଠାରେ ପ୍ରତ୍ୟେକ ଅବସର ନିମନ୍ତେ ବହୁବିଧ ବର୍ଗରଡିଜାଇନ ଓ ଷ୍ଟାଇଲ ପ୍ରଦର୍ଶିତହେଉଛି । ଏହି ଉଲ୍ଲେଖନୀୟ ସଫଳତା ଭାରତରେ ତାହାର ଉପସ୍ଥିତିକୁ ପରିବ୍ୟାପ୍ତ କରିବାଏବଂ ଗ୍ରାହକମାନଙ୍କୁ ଉନ୍ନତତର କାରିଗରୀ ଏବଂ ଅତୁଳନୀୟ ସେବା ଯୋଗାଇଦେବା ନିମନ୍ତେ ବ୍ରାଣ୍ଡର ପ୍ରତିବଦ୍ଧତା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟହୋଇଛି । ପରିଚାଳନା ଦଳରସଦସ୍ୟ, ଗ୍ରାହକ ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଓଡ଼ିଆଓଲିଉଡ୍ ଅଭିନେତାତଥାମାଲାବାରଜୁଏଲର୍ସ ର ବ୍ରାଣ୍ଡ ଆମ୍ବାସଡରଶ୍ରୀସବ୍ୟସାଚୀ ମିଶ୍ରଏବଂ ବିଏମ୍‌ସିମେୟର ଶ୍ରୀମତ ିସୁଲୋଚନା ଦାସଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା । ମାଲାବାର ଗୋଲ୍ଡ ଆଣ୍ଡଡାଏମଣ୍ଡସ୍‌ର ଭାରତ, ମଧ୍ୟପ୍ରାଚ୍ୟ, ଆମେରିକା, କାନାଡା ଏବଂ ଅଷ୍ଟ୍ରେଲିଆ ସମେତ ୧୩ଟି ରାଷ୍ଟ୍ରରେ ୩୮୦ରୁ ଅଧିକସୋ'ରୁମ୍ ସହିତବୈଶ୍ୱିକ ଉପସ୍ଥିତି ରହିଛି । ଏହାର ବିପୁଳ କଲେକ୍ସନ, ଅତୁଳନୀୟ ଗୁଣବତ୍ତା ଏବଂ ଗ୍ରାହକ-କେନ୍ଦ୍ରିକ ଆଭିମୁଖ୍ୟ ପାଇଁ ସୁଖ୍ୟାତି ଅର୍ଜନ କରିଥିବା ଏହି ବ୍ରାଣ୍ଡ ଚଳିତ ମାର୍ଚ୍ଚରେ ଭାରତର ବିଭିନ୍ନସ୍ଥାନରେ ୧୨ଟି ନୂଆସୋ'ରୁମ୍ ଉଦଘାଟନ ସହିତ ନିଜର ଉପସ୍ଥିତିକୁ ସମ୍ପ୍ରସାରିତ କରୁଛି । ଏହି ନୂଆ ସୋ'ରୁମ୍ ଭାରତୀୟ ଜୁଏଲାରୀ ବଜାରରେ ମାଲାବାର ଗୋଲ୍ଡ ଆଣ୍ଡଡାଏମଣ୍ଡସ୍‌ର ନେତୃତ୍ୱକୁ ପୁନଃସୁଦୃଢ କରୁଛି । ନୂଆସୋ'ରୁମ୍ ସୁନା, ହୀରା, ପ୍ଲାଟିନମ୍ ଏବଂଜେମ୍‌ଷ୍ଟୋନ ପିସ୍ ସମେତ ବ୍ୟାପକ ବର୍ଗରଗହଣା ଉପଲବ୍ଧ କରାଉଛି, ଯେଉଁଗୁଡିକ ପ୍ରତ୍ୟେକ ପସନ୍ଦ ଓ ଅବସରକୁ ଖାପ ଖୁଆଇବା ଭଳି ଡିଜାଇନ କରାଯାଇଛି । ଏହି ନୂଆସୋ' ରୁମ୍ ସମ୍ପର୍କରେ ଏକ ବିବୃତିରେଏମ୍‌ପି ଅହମ୍ମଦ, ଚେୟାରମ୍ୟାନ, ମାଲାବାରଗ୍ରୁପ୍ କହିଥିଲେ, "ସମଗ୍ରଭାରତରେ ଜନସାଧାରଣଙ୍କୁବିଶ୍ୱଶ୍ରେଣୀର ଗହଣା ଯୋଗାଇ ଦେବାକୁ ଆମର ଯାତ୍ରା ଜାରି ରଖି ସୌଭାଗ୍ୟ ନଗରଠାରେ ୩ୟ ନବୀନତମସୋ'ରୁମ୍ ଉଦ୍‌ଘାଟନ କରି ଆମେରୋମାଞ୍ଚିତ ଅନୁଭବ କରୁଛୁ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ